## ସଂକ୍ଷେପରେ

### ଖୋର୍ଦ୍ଧା-ଖଡ଼ଗପୁର ଫାଷ୍ଟ ପାସେଞ୍ଜର ୧୦ଦିନ ବାତିଲ୍

ଜଳେଶ୍ୱର, ୨୯।୯: ଖୋର୍ଦ୍ଧା-ଖଡଗପୁର ଫାଷ୍ଟ ପାସେଞ୍ଜର ଚଳାଚଳ ସେପ୍ଟେମ୍ବର ୩୦ତାରିଖରୁ ୧୦ ଦିନ ବାତିଲ ରହିବ। ପାରାଦୀପ ହରିଦାସପୁରଠାରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଲାଗି ଅକ୍ଟୋବର ୧୦ତାରିଖ ଯାଏ ଚଳାଚଳ ବନ୍ଦ ରହିବ। ଏନେଇ ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ମିଳିଛି। ଆଗକୁ ଦୁର୍ଗାପୂଜା ଥିବାରୁ ଟ୍ରେନ ଚଳାଚଳ ବାତିଲ ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

### କରତକଳରୁ ୧୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାଠ, ଯନ୍ତ୍ରାଂଶ ଜବତ

ଭୋଗରାଇ,୨୯।୯(ଡି.ଏନ.ଏ.): ଭୋଗରାଇ ବ୍ଲକର ୩ ବେଆଇନ କରତକଳ ଉପରେ ଗତ ଶନିବାର ବାଲେଶ୍ୱର ଟାସ୍କଫୋର୍ସ ଓ ପୋଲିସର ଚଢ଼ାଉ କରି ରବିବାର ବନବିଭାଗ ପକ୍ଷରୁ ୧୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାଠ ଓ ବ୍ୟବହୃତ ଯନ୍ତ୍ରାଂଶ ଜବତ କରିଥିଲା। ବାଲେଶ୍ୱର ଜଙ୍ଗଲ ଓ ପରିବେଶ ବିଭାଗର ସହକାରୀ ବନସଂରକ୍ଷକ ଲକ୍ଷ୍ମଣ ପ୍ରଧାନ, ସମୀର ସାହୁ, ରେଞ୍ଜର ଦେବେନ୍ଦ୍ରନାଥ ପାତ୍ର, ଫରେଷ୍ଟର ଅଜୟ କୁମାର ଜେନାଙ୍କ ନେତୃତ୍ୱରେ ବନ କର୍ମଚାରୀ ଓ ସ୍ଥାନୀୟ ପୋଲିସ ବେଲା, ଜଗନ୍ନାଥପୁର, ଚଣ୍ଡୀପୁରରେ ଥିବା କରତକଳରେ ବ୍ୟବହୃତ ଯନ୍ତ୍ରାଂଶ ଓ କାଠଗୁଣ୍ଡିକୁ ଗାଡ଼ି ଯୋଗେ ନେଇଯାଇଛନ୍ତି। ୩ କରତକଳକୁ ସିଲ୍ କରାଯାଇଛି। ବାଲେଶ୍ୱର ଜଙ୍ଗଲ ଓ ପରିବେଶ ବିଭାଗରୁ ଆସିଥିବା କଟାଲୀ ମେଶିନ୍, ଯନ୍ତ୍ରାଂଶ ଓ କାଠଗଣ୍ଡିକୁ କାଟିବା ନିମନ୍ତେ ଘରୋଇ ସିଲିଣ୍ଡର ବ୍ୟବହାରକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଥିଲେ।

### ଖନ୍ତାପଡ଼ା ଥାନା ଘେରାଉ

ରେମୁଣା/ବାହାନଗା, ୨୯।୯(ଡି.ଏନ.ଏ.)- ଖନ୍ତାପଡା ଅଞ୍ଚଳର ୨୬ରୁ ଊର୍ଦ୍ଧ୍ୱ ସ୍ୱୟଂସହାୟକ ଗୋଷ୍ଠୀର ୩ଶହରୁ ଊର୍ଦ୍ଧ୍ୱ ସଦସ୍ୟା ରବିବାର ଏକଜୁଟ ହୋଇ ବେଆଇନ ମଦ କାରବାର ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। ମହିଳାମାନେ ଖନ୍ତାପଡା ଗ୍ରାମର ୨ ମଦ ବେପାରୀଙ୍କୁ କାବୁ କରିବା ସହ ସେମାନଙ୍କ ଘର ଭିତରୁ ୪ ଶହ ଲିଟର ଦେଶୀ ମଦ ଜବତ କରିଥିଲେ। ଏହାପରେ ସେମାନେ ଜବତ ମଦ ଓ ଦୁଇ ବେପାରୀଙ୍କୁ ଖନ୍ତାପଡା ଥାନା ପୋଲିସ ଜିମା ଦେଇଥିଲେ। ମଦ କାରବାର ବନ୍ଦ କରିବା ଲାଗି ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ସୁଷମା ମହାଲିକ, ଅନୁସୂୟା ଲାହା ପ୍ରମୁଖଙ୍କ ନେତୃତ୍ୱରେ ସଦସ୍ୟାମାନେ ଖନ୍ତାପଡା ଥାନା ଘେରାଉ କରିଥିଲେ। ସଦର ଏସ୍‌ଡିପିଓ ପ୍ରଭାସ ପାଲ୍ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିବା ସହିତ ମଦ ବେପାରୀଙ୍କ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ମହିଳାମାନେ ଶାନ୍ତ ପଡିଥିଲେ।

### ଛାତ୍ରୀଙ୍କ ମା'ଙ୍କୁ ନେଇ ଟ୍ୟୁଶନ ଶିକ୍ଷକ ଫେରାର

ସୋର,୨୯।୯(ଡି.ଏନ.ଏ.): ସୋର ଥାନା ଟେଣ୍ଟେଇ ଗ୍ରାମର ଜଣେ ଟ୍ୟୁଶନ ଶିକ୍ଷକ ଛାତ୍ରୀଙ୍କୁ ମା'ଙ୍କୁ ନେଇ ଫେରାର ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏନେଇ ଛାତ୍ରୀଙ୍କ ବାପା ଅନନ୍ତପୁର ଫାଣ୍ଡିରେ ଅଭିଯୋଗ କରିଥିଲେ। ପରେ ସୋର ପୋଲିସ ସମ୍ପୃକ୍ତ ମହିଳା ଓ ଟ୍ୟୁଶନ ଶିକ୍ଷକଙ୍କୁ ଖୋର୍ଦ୍ଧା ଅଞ୍ଚଳରୁ ଉଦ୍ଧାର କରି ସୋର ଥାନାକୁ ଆଣି ତଦନ୍ତ ଚଳାଇଛି। ସୋର ଥାନାରେ ମାମଲା (ନଂ. ୪୩୬/୧୯) ରୁଜୁ କରାଯାଇଛି।

### ଶାନ୍ତି କମିଟି ବୈଠକ

ବସ୍ତା,୨୯।୯(ସ୍ୱ.ପ୍ର): ବସ୍ତା ଥାନା ପକ୍ଷରୁ ରବିବାର ଶାନ୍ତି କମିଟି ବୈଠକ ଥାନା ପରିସରରେ ଏସ୍‌ଡ଼ିପିଓ ରଣଜିତ କୁମାର ପୃଷ୍ଟି ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଥାନା ଆଇଆଇସି ଧନେଶ୍ୱର ସାହୁ, ତହସିଲଦାର ନରେନ୍ଦ୍ର ଖମାରୀ ପ୍ରମୁଖ ପୋଲିସ ଓ ପ୍ରଶାସନର ନିୟମାବଳୀ ସମ୍ପର୍କରେ ସୂଚାଇଥିଲେ। ସରପଞ୍ଚ ଅନୀଲ କୁମାର ମହାନ୍ତି, ସମିତିସଭ୍ୟ ରବୀନ୍ଦ୍ର କୁମାର ଦାସ, ସତ୍ୟନାରାୟଣ ମହାପାତ୍ର, ଅବସରପ୍ରାପ୍ତ ଏବିଡ଼ିଓ ଶଙ୍କର କୁମାର କର, ପୂର୍ବତନ ସରପଞ୍ଚ ସତ୍ୟନାରାୟଣ ଗୁପ୍ତା, ପ୍ରଦୀପ କୁମାର ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅର୍ମଦାରୋଡ଼ ଫାଣ୍ଡି ଅଧିକାରୀ ଧନ୍ୟବାଦ ଦେଇଥିଲେ।

# ନିଶା ବେପାରୀଙ୍କ ଟାର୍ଗେଟ୍‌ରେ ଯୁବପିଢ଼ି

ରୂପ୍‌ସା, ୨୯।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ଏବେ ନିଶା ବ୍ୟବସାୟୀଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି। ବାଲେଶ୍ୱର ସହର ସମେତ ସମଗ୍ର ଉତ୍ତର ଓଡ଼ିଶାରେ ଚୋରା ଦେଶୀ, ବିଦେଶୀ ମଦର ପ୍ରସାର ଘଟିଚାଲିଛି। ପଶ୍ଚିମବଙ୍ଗରୁ ଅଣାଯାଉଥିବା ଚୋରାମଦଠାରୁ ଆରମ୍ଭ କରି ନକଲି ମଦ, ଗଞ୍ଜେଇ, ବ୍ରାଉନ୍‌ସୁଗାର ପରି ନିଶାଦ୍ରବ୍ୟର ଅବାଧ କାରବାର ଚାଲିଛି। ଜିଲା ଅଧୀନ ଫୁଲାଡ଼ି, ଚଷାଖଣ୍ଡ, ହଳଦୀପଦା, ରୂପ୍‌ସା, ବସ୍ତା, କାଦରାୟାଁ ଓ ଜଳେଶ୍ୱର ଆଦି କେତେକ ଅଞ୍ଚଳରେ ନିଶା କାରବାର ଏକପ୍ରକାର ନିୟନ୍ତ୍ରଣ ବାହାରକୁ ଚାଲିଗଲାଣି। ନିଶା ବେପାରୀମାନେ ପୋଲିସ ଓ ଅବକାରୀ ବିଭାଗ ସହ ଭିତିରିଆ ସମ୍ପର୍କ ରଖି ସେମାନଙ୍କ ବ୍ୟବସାୟ ଅବାଧରେ ଚାଲୁ ରଖିଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଅପରପକ୍ଷେ କାରବାରକୁ ବଢ଼ାଇ ଅଧିକ ମାଲାମାଲ ହେବା ଲକ୍ଷ୍ୟରେ ନିଶାବେପାରୀମାନେ ସମ୍ପ୍ରତି ଯୁବଗୋଷ୍ଠୀଙ୍କୁ ଟାର୍ଗେଟ୍ କରୁଛନ୍ତି।

ଫୁଲାଡ଼ି, ହଳଦୀପଦା, ରୂପ୍‌ସା, ବସ୍ତା ଗାନ୍ଧୀଛକ, ରାଜଘାଟ ଆଦି ସ୍ଥାନରେ ଲାଇସେନ୍ସପ୍ରାପ୍ତ ବିଦେଶୀ ଠିପି ବନ୍ଦ ମଦ ଦୋକାନ ରହିଛି। ହେଲେ ଏସବୁ ଦୋକାନରେ ମଧ୍ୟ ବେଆଇନ ଭାବେ ମଦ୍ୟପାନ କରାଯାଉଛି। ଏ ଅଞ୍ଚଳରେ ନିଶାଗ୍ରସ୍ତ ଯୁବକ ଓ ଅପରାଧୀମାନେ ବିଭିନ୍ନ ସମୟରେ ଚୋରି, ଛିନ୍‌ତାଇ, ରାହାଜାନି ଭଳି ଅପରାଧ ଘଟାଉଛନ୍ତି। କେବଳ ଅଭିଯୋଗ ଆସିଲେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଥାଏ। ସେହିପରି ଚଷାଖଣ୍ଡ, ହଳଦୀପଦା, ରୂପ୍‌ସା, ବସ୍ତା, ଜଳେଶ୍ୱର ଓ କାଦରାୟାଁ ଆଦି ଅଞ୍ଚଳରେ ବ୍ରାଉନସୁଗାର କାରବାର ବୃଦ୍ଧି ପାଇଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ରୂପ୍‌ସା, ହଳଦୀପଦା ବଜାର, ବସ୍ତା ଦମକଳ ଅଫିସ୍ ପାଖରେ ଏକ ପଡ଼ିଆ ଓ ରେଳଷ୍ଟେଶନର ଦକ୍ଷିଣ କେବିନ ପାଖ ରେଳବିଭାଗ ନିର୍ମିତ କେତେକ ପରିତ୍ୟକ୍ତ ଘର ଏବେ ନିଶା ବେପାରୀଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଗତ ୯ତାରିଖ ରାତିରେ ରୂପ୍‌ସା ଥାନା ଅଞ୍ଚଳରେ ଡିଏସ୍‌ପି ମନୋଜ ରାଉତ ଚଢ଼ାଉ କରି ଅଭିଯୁକ୍ତ ଲମ୍ବୋଦର ବେହେରାଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୫ଟି ବ୍ରାଉନସୁଗାର ପୁଡ଼ିଆ ଓ ୫୦ଗ୍ରାମ ଓଜନର ଗଞ୍ଜେଇ ଜବତ କରିଛନ୍ତି। ସେହିପରି କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଟିମ୍ ଗତ ୧୬ତାରିଖରେ ବ୍ରାଉନସୁଗାର ର୍‍ୟାକେଟ୍‌ର ମୁଖ୍ୟ ବାଲେଶ୍ୱରର ସେକ୍ ରାଜାଙ୍କୁ ଗିରଫ କରିବା ପରେ ଏହି ଚୋରା କାରବାର ଉପରୁ ଧୀରେ ଧୀରେ ପର୍ଦ୍ଦା ଉଠୁଛି। ଏହି ପରିପ୍ରେକ୍ଷୀରେ ବରିଷ୍ଠ ଆଇନଜୀବୀ ମନୋରଞ୍ଜନ ନାୟକ କହିଛନ୍ତି, ବେଆଇନ ନିଶା କାରବାରକୁ ରୋକିବା ଦିଗରେ ଅବକାରୀ ବିଭାଗ ଓ ପୋଲିସ ଅଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ମାତ୍ର ଉଭୟ ବିଭାଗ ଏ ଦିଗରେ ନୀରବ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଲାଗୁଛି।

ଡା. ମନୋଜ କୁମାର ସାହୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଯୁବଗୋଷ୍ଠୀ ନିଶାସେବନରେ ଅଭ୍ୟସ୍ତ ହେବା ଏକ ବିଡମ୍ବନା। ନିଶାର ଭୟାବହତା ଓ କ୍ଷତି ସମ୍ପର୍କରେ ସେମାନେ ଜାଣିଲା ବେଳକୁ ଏଥିରୁ ତାଙ୍କୁ ମୁକ୍ତି ମିଳିବାର ବାଟ ନ ଥାଏ। ବ୍ରାଉନସୁଗାର ସେବନ କରୁଥିବା ଲୋକେ ନିୟମିତ ନିଶାଗ୍ରସ୍ତ ହେବା ପାଇଁ ଆବଶ୍ୟକ ଅର୍ଥ ନିମନ୍ତେ ଯେକୌଣସି ଅପରାଧ କରିବାକୁ ପଛଘୁଞ୍ଚା ଦିଅନ୍ତି ନାହିଁ। ଏଣୁ ନିଶାମୁକ୍ତ ସମାଜ ଗଠନ ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ। ଡିଏସ୍‌ପି ମନୋଜ ରାଉତ କହିଛନ୍ତି, ଜିଲାରେ ନିଶା କାରବାର ରୋକିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଆଇଜି, ଡିଆଇଜିଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଛି। ନିଶା କାରବାରରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଫକୀରମୋହନ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱାଗତ ସମାରୋହରେ ଉପସ୍ଥିତ ଅତିଥି।

# ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଉପରେ ଗୁରୁତ୍ୱାରୋପ

## ସ୍ୱାଧୀନତା, ଆନନ୍ଦ, ଜିଜ୍ଞାସା ବିଦ୍ୟାର୍ଥୀ ଜୀବନର ମୁଖ୍ୟ ଆବଶ୍ୟକତା

ବାଲେଶ୍ୱର ଅଫିସ, ୨୯।୯

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ପୁରାତନ କ୍ୟାମ୍ପସ୍ ସମ୍ମିଳନୀ କକ୍ଷରେ ଦୂର ଓ ନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟ ତରଫରୁ ୨୦୧୯-୨୦ ବର୍ଷର ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ରବିବାର ନିର୍ଦ୍ଦେଶକ ପ୍ରଫେସର ସୁନେଶ ଚନ୍ଦ୍ର ଅଧିକାରୀଙ୍କ ଅଧ୍ୟକ୍ଷତାରେ ଏକ ସମାରୋହ ଅନୁଷ୍ଠିତ ହୋଇଥିଲା। ସାହିତ୍ୟିକ ତଥା ଭେଷଜ ବିଶେଷଜ୍ଞ ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦେଇ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରି ସ୍ୱାଧୀନତା, ଆନନ୍ଦ ଓ ଜିଜ୍ଞାସା ବିଦ୍ୟାର୍ଥୀ ଜୀବନର ମୁଖ୍ୟ ଆବଶ୍ୟକତା ବୋଲି ବକ୍ତବ୍ୟ ରଖିଥିଲେ। ଭାରପ୍ରାପ୍ତ କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ଦେହୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ ଦୂର ଓ ନିରନ୍ତର ଶିକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ଅମିତ କୁମାର ବେହେରା ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଶିକ୍ଷାର କୌଣସି ସମୟସୀମା ନାହିଁ ଏବଂ ଛାତ୍ରୀଛାତ୍ରମାନେ ନିଜ ଉଦ୍ୟମରେ ଶିକ୍ଷାଗ୍ରହଣର ମାନସିକତା ରଖିବା ଉଚିତ୍ ବୋଲି କହିଥିଲେ।

ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ବିଶ୍ୱବିଦ୍ୟାଳୟର ଜାତୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହାପରେ ସହନିର୍ଦ୍ଦେଶକ ଡ. ଦେବଦତ୍ତ ଦାସ ପାୱାର ପଏଣ୍ଟ ଉପସ୍ଥାପନା ମାଧ୍ୟମରେ ଦୂର ଓ ନିରନ୍ତର ଶିକ୍ଷା ସମ୍ପର୍କରେ ସମ୍ୟକ୍ ସୂଚନା ଦେଇ ଏହାକୁ ଏକ ପରିବାର ସହିତ ତୁଳନା କରିଥିଲେ। ପାଠ ସଂଯୋଜକ ଅଧ୍ୟାପକ ଡ. ମନୋଜ କୁମାର ଆଚାର୍ଯ୍ୟଙ୍କ ବକ୍ତବ୍ୟ ପରେ ନବାଗତ ଛାତ୍ରୀଛାତ୍ରମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଦୂର ଓ ନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟ ତରଫରୁ ଏକ ନିଯୁକ୍ତି କର୍ମଶାଳା ଆୟୋଜନ କରାଯାଇଥିଲା। ଏଥିରେ ବିଭିନ୍ନ ପ୍ରତିଷ୍ଠିତ ସଂସ୍ଥା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ନିଯୁକ୍ତିକ୍ଷମ କରିବା ପାଇଁ ସୁଯୋଗ ସୃଷ୍ଟି କରିଥିଲେ।



ବିଶ୍ୱ ହୃତ୍‌ପିଣ୍ଡ ଦିବସ ପାଳନ ଅବସରରେ ହୃଦ୍‌ରୋଗ ସମ୍ପର୍କରେ ସଚେତନ କରାଯାଉଛି।

# ବିଶ୍ୱ ହୃତ୍‌ପିଣ୍ଡ ଦିବସରେ ସଚେତନତା ଶୋଭାଯାତ୍ରା

ବାଲେଶ୍ୱର ଅଫିସ, ୨୯।୯

ବାଲେଶ୍ୱର ରୋଟାରୀ କ୍ଲବ ଆନୁକୂଲ୍ୟରେ ରବିବାର ବିଶ୍ୱ ହୃତପିଣ୍ଡ ଦିବସ ପାଳନ ଅବସରରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। କ୍ଲବ ପରିସରରେ ଭୁବନେଶ୍ୱରସ୍ଥିତ ସନସାଇନ୍ ହସ୍‌ପିଟାଲ ପକ୍ଷରୁ ଆୟୋଜିତ ସଭାରେ ହୃଦ୍‌ରୋଗ ସମ୍ପର୍କରେ ବିଶଦ ଆଲୋଚନା କରାଯାଇ ଲୋକଙ୍କ ମଧ୍ୟରେ ସଚେତନତା ଆଣିବା ପାଇଁ ଚେଷ୍ଟା କରାଯାଇଛି। ହୃଦ୍‌ରୋଗର କାରଣ ଓ କେମିତି ଏହି ରୋଗଠାରୁ ଦୂରେଇ ରହିହେବ ସେ ବିଷୟରେ ସବୁ ସଭ୍ୟମାନେ ଆଲୋଚନା କରିଥିଲେ। ଏ ସମ୍ପର୍କରେ ମିଳିତ ଭାବରେ ଆସନ୍ତା ଅକ୍ଟୋବର ତୃତୀୟ ସପ୍ତାହରେ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବା ସହ ଏଥିରେ ୨ଶହରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସିତ ହେବେ ବୋଲି ସ୍ଥିର କରାଯାଇଛି। କାର୍ଯ୍ୟକ୍ରମରେ କ୍ଲବ ସଭାପତି ମାତୃଦତ୍ତ ଦାସ, ବରିଷ୍ଠ ରୋଟାରିଆନ ସୁବ୍ରତ କର, କନିଷ୍ଠ ରୋଟାରିଆନ୍ ଆଦିତି ଭରଦ୍ୱାଜ ଓ ରଣବିଜୟ ଭରଦ୍ୱାଜ, ରୋଟାରିଆନ୍ ଭି. ଉଦୟ କୁମାର, ଉଦୟ ଦାସ, ବିକ୍ରମଜିତ୍ କର, କୋମଳ ମୁଦୁଲି, ଲକ୍ଷ୍ମୀକାନ୍ତ ଦାସ, ସନ୍ତୋଷ ନାହାକ, ସ୍ୱରୂପ ଦେ, ସୁଖମୟ ଦାସ, ଉମାକାନ୍ତ ମିଶ୍ରଙ୍କ ସହିତ ସନ୍‌ସାଇନ୍‌ର କାର୍ଯ୍ୟକର୍ତ୍ତା ଗିରିଜା ନାରାୟଣ ଦାସ, ଦେବାଶିଷ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

### କବିବର ରାଧାନାଥଙ୍କ ଜୟନ୍ତୀ ପାଳିତ

ବାଲେଶ୍ୱର ଅଫିସ, ୨୯।୯: ବାଲେଶ୍ୱର ଶାନ୍ତିକାନନଠାରେ ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ କବିବର ରାଧାନାଥଙ୍କ ଜୟନ୍ତୀ ପାଳନ କରାଯାଇଛି। ପରିଷଦ ସଭାପତି ଡ. ଶିରିଶ୍ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଫେସର ରବିନାରାୟଣ ଦାସ ଓ ସହପ୍ରାଧ୍ୟାପକ ଡ. ସନ୍ତୋଷ ନାୟକ କବିବରଙ୍କ ଅନାଲୋଚିତ ଦିଗକୁ ଆଲୋଚନା କରିଥିଲେ। କବିବରଙ୍କର ଓଡ଼ିଆ ଭାଷା ରକ୍ଷକ ଭାବରେ ଦାୟିତ୍ୱ ଗଭୀର ପ୍ରଭାବ ପକାଇଥିଲା। ସମ୍ପାଦକ ଡ. କୁମାର ଗୋପାଳ ରାଧାନାଥ ଓ ଫକୀରମୋହନଙ୍କ ଭାବ ସମ୍ପର୍କରେ ଆଲୋଚନା କରିଥିଲେ। କବିବରଙ୍କ ରଚନାରୁ ସର୍ବେସାଂ ଗୀତଟିକୁ କଲ୍ୟାଣୀ ନନ୍ଦ, ସୁବ୍ରତା ମହାନ୍ତି ଓ ବାସନ୍ତୀ ଦେ ପ୍ରାରମ୍ଭରେ ଗାନ କରିଥିଲେ। ତପନ ରାୟ ମଞ୍ଚ ଆହ୍ୱାନ ଓ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଇଜିନ୍ ଟେକ୍ ସଫ୍ଟୱେୟାର କମ୍ପାନୀରୁ ୮ ଲକ୍ଷ ଠକେଇ

# ନୀଳଗିରିରେ କମ୍ପାନୀ ଅଧିକାରୀ

ସଜନାଗଡ଼, ୨୯।୯(ଡି.ଏନ.ଏ.)

ନୀଳଗିରି ବ୍ଲକ ଅଞ୍ଚଳର ୫ଜଣ ଯୁବକ ଦିଲ୍ଲୀର ଏକ ସଫ୍ଟୱେୟାର କମ୍ପାନୀରୁ ୮ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡପ କରି ପଳାଇ ଆସିଥିବା ଶୁଣିବାକୁ ମିଳିଛି। କମ୍ପାନୀ ପକ୍ଷରୁ ଅଧିକାରୀମାନେ ରବିବାର ନୀଳଗିରି ଆସି ବରହମପୁର ପୋଲିସ ସହାୟତାରେ ମାଟିଆଳି ଗ୍ରାମକୁ ଯାଇଛନ୍ତି। ଏହି ଯୁବକମାନେ ଅନଲାଇନ ମାଧ୍ୟମରେ ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କାର ଦେଣନେଣ କରୁଥିବାବେଳେ କମ୍ପାନୀର କମିଶନ ଅର୍ଥକୁ ହଡ଼ପ କରିଥିବା ଅଭିଯୋଗ ହୋଇଛି। ପୋଲିସ ଉକ୍ତ ଘଟଣାକୁ ଗୁରୁତ୍ୱ ଦେଇ ତଦନ୍ତ ଆରମ୍ଭ କରିଛି।

ନୀଳଗିରି ବ୍ଲକ ମାଟିଆଳି ଗ୍ରାମର ୫ଜଣ ଯୁବକ ଦିଲ୍ଲୀସ୍ଥିତ ରାଇଜିନ୍ ଟେକ୍ ପ୍ରାଇଭେଟ୍ କମ୍ପାନୀରେ ନିଜର ସମସ୍ତ ତଥ୍ୟଗତ ପ୍ରମାଣପତ୍ର ଦେଇ ରିଟେଲର ହୋଇଥିଲେ। ସେଥିପାଇଁ କମ୍ପାନୀ ପକ୍ଷରୁ ଏମାନଙ୍କୁ ଏକ ଆଇଡି ମଧ୍ୟ ମିଳିଥିଲା। ଏହି କମ୍ପାନୀରେ ମୁଖ୍ୟତଃ ଟଙ୍କା ନେଣଦେଣ କାରବାର କରାଯାଇଥାଏ। ଏଥିପାଇଁ କମ୍ପାନୀ ରିଟେଲରଙ୍କୁ "ପ୍ଲେନେଟ୍ ସି ଆପ" ଅନଲାଇନ୍ ମାଧ୍ୟମରେ ଦେଣନେଣ ପାଇଁ ଦେଇଥାଏ। ମନି ଟ୍ରାନ୍‌ସଫର କଲେ ଗ୍ରାହକ ଯାହା ନିକଟକୁ ଟଙ୍କା ପଠାଇଥାଏ ତାଙ୍କ ଆକାଉଣ୍ଟକୁ ୧ ଟଙ୍କା କମିଶନ ଯାଉଥିବାବେଳେ କମ୍ପାନୀ ଆକାଉଣ୍ଟକୁ ୨ ଟଙ୍କା କମିଶନ ଆସିବା କଥା। ଉକ୍ତ ଲାଇନ୍‌କୁ ବ୍ଲକ କରି ସମସ୍ତ କମିଶନ ରିଟେଲର ଆକାଉଣ୍ଟକୁ ପଳାଇ ଆସୁଥିଲା। ଏକ ସପ୍ତାହ ଭିତରେ ଏମାନଙ୍କୁ ଆକାଉଣ୍ଟକୁ ୮ ଲକ୍ଷରୁ ଅଧିକ ଟଙ୍କା ଆସିଥିବା କମ୍ପାନୀ ଜାଣିପାରିଥିଲା। ଏହାର ଖୋଳତାଡ ଲାଗି ଅଧିକାରୀମାନେ ସ୍ଥାନୀୟ ପୋଲିସର ସହାୟତା ନେଇଛନ୍ତି।

# ଆକ୍ରମଣରେ ପୌରପାଳିକା ପରିମଳ ଅଧିକାରୀ ଗୁରୁତର

ବାଲେଶ୍ୱର ଅଫିସ,୨୯।୯

ବାଲେଶ୍ୱର ପୌରପାଳିକା ପରିମଳ ଅଧିକାରୀ କମଳଲୋଚନ ପାତ୍ର ଅଫିସ୍‌ରୁ ଘରକୁ ଯାଉଥିବା ବେଳେ ଶନିବାର ରାତିରେ ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ରାତି ପ୍ରାୟ ୧୦ଟା ୧୫ମିନିଟ୍‌ରେ ଅଧିକାରୀ ପାତ୍ର ବାଇକରେ ସହରର ଫକୀରମୋହନନଗରସ୍ଥିତ ଘରକୁ ଯାଉଥିଲେ। ସେ ମେଣ୍ଢାଶୋଳ ଛକ ଅତିକ୍ରମ କରୁଥିବା ବେଳେ ହଠାତ୍ ଏକ ବାଇକରେ ୨ଜଣ ଦୁର୍ବୃତ୍ତ ତାଙ୍କୁ ପଛରୁ ଲୁହାରଡ଼ରେ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହେବାରୁ ସେ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଅଚେତ୍ ଅବସ୍ଥାରେ ଡାକ୍ତରଖାନାରେ ଆଣି ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ପାତ୍ରଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଆସିଥିବା ଜଣାପଡ଼ିଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ପୌର ନିର୍ବାହୀ ଅଧିକାରୀ ଅମ୍ରିତ ସରକାରଙ୍କ ସମେତ ବହୁ ସହକର୍ମୀ ଡାକ୍ତରଖାନାରେ ପହଞ୍ଚି ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ତି। ଏକ ବେଆଇନ ବିଲ୍ ପ୍ରସ୍ତୁତ ନ କରିବାରୁ ପୌରପାଳିକା ଅଧୀନରେ କାର୍ଯ୍ୟରତ ଜଣେ ଠିକାଦାର ତାଙ୍କୁ ଧମକ ଦେଇଥିଲେ। ସମ୍ପୃକ୍ତ ଠିକାଦାର ଦୁଇଜଣ ଦୁର୍ବୃତ୍ତଙ୍କୁ ପଠାଇ ତାଙ୍କୁ ଆକ୍ରମଣ କରିଥିବା ପାତ୍ର ଅଭିଯୋଗ କରିଛନ୍ତି। ଏନେଇ ସଦର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ ମାମଲା ରୁଜୁ ହୋଇନାହିଁ।

### ସାପ କାମୁଡ଼ାରେ ଯୁବକଙ୍କ ପ୍ରାଣଗଲା

ସୋର, ୨୯।୯(ଡି.ଏନ.ଏ.)

ସୋର ଥାନା ଅନ୍ତର୍ଗତ ମାଣିପୁର ପଞ୍ଚାୟତ ରାଧାବଲ୍ଲଭପୁର ଗ୍ରାମର ଅର୍ଜୁନ ସାହୁ (୩୬)ଙ୍କର ସାପ କାମୁଡାରେ ମୃତ୍ୟୁ ଘଟିଛି। ଯୁବକ ଜଣକ ଶନିବାର ଅପରାହ୍ଣରେ ଘାସ କାଟିବା ପାଇଁ ବିଲକୁ ଯାଇଥିଲେ। ସେଠାରେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ସେଠାରେ ସେ ଅଚେତ୍ ହୋଇ ପଡ଼ିଯାଇଥିଲେ। ଅନ୍ୟ ଜଣେ ଚାଷୀ ବାଟରେ ଯାଉଥିବା ବେଳେ ଏହା ଦେଖି ଯୁବକଙ୍କ ପରିବାରକୁ ଖବର ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# 'ଶହୀଦଙ୍କ ସ୍ୱପ୍ନ ପୂରଣ ଲାଗି ସଂକଳ୍ପବଦ୍ଧ ହୁଅ'

ଔପଦା,୨୯।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ଔପଦା ବ୍ଲକର ବଡ଼ପୋଖରୀଠାରେ ଶନିବାର ସନ୍ଧ୍ୟାରେ ଅମର ଶହୀଦ 'ରଘୁ, ମକର, କେଲୁ'ଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ପ୍ରଦାନ ପୂର୍ବକ ଶହୀଦ ଦିବସ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ଶହୀଦ ସ୍ମୃତି କମିଟିର ସ୍ଥାୟୀ ସଭାପତି ଶିକ୍ଷାବିତ୍ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସ୍ମୃତିସଭାରେ ରାଜ୍ୟ ସଂସ୍କୃତିମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶହୀଦଙ୍କ ବଳିଦାନ ବ୍ୟର୍ଥ ଯାଏନି ବୋଲି ବକ୍ତବ୍ୟ ରଖିଥିଲେ। ଏହାସହ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଶହୀଦ ମାଟି ବଡ଼ପୋଖରୀକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟତମ ବରେଣ୍ୟ ଅତିଥି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ଚରଣ ସେଠୀ ଓ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଶହୀଦଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇ ଶହୀଦଙ୍କ ସ୍ୱପ୍ନ ପୂରଣ ଲାଗି ସଂକଳ୍ପବଦ୍ଧ ହେବାକୁ ପରାମର୍ଶ ଦେଇଥିଲେ। ବଡ଼ପୋଖରୀ ହାଇସ୍କୁଲ ପ୍ରଧାନଶିକ୍ଷକ ବୈକୁଣ୍ଠ ମିଶ୍ର ସମସ୍ତଙ୍କୁ କୃତଜ୍ଞତା ପ୍ରଦାନ କରିଥିବାବେଳେ ନିରଞ୍ଜନ ବାରିକ ମଞ୍ଚ ପରିଚାଳନା କରିଥିଲେ। ସ୍ମୃତି କମିଟି ସମ୍ପାଦକ ଅରୁଣ କୁମାର ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଆବାହନୀ ସଙ୍ଗୀତ ପ୍ରଭାତ ଫେରି ଓ ତିଳତର୍ପଣ କାର୍ଯ୍ୟକ୍ରମ କରାଯାଇଥିଲା।

**ବଡ଼ପୋଖରୀରେ ଶହୀଦ ଦିବସ**


ଶହୀଦ ଦିବସ ପାଳନ ଅବସରରେ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଉଦ୍‌ବୋଧନ ଦେଉଛନ୍ତି।

# ୨ରୁ ଯାନବାହନ ଯାଞ୍ଚ କଡ଼ାକଡ଼ି

ଖଇରା, ୨୯।୯(ଡି.ଏନ.ଏ.)

ଆସନ୍ତା ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ ଓ ମୋଟର ସଂଶୋଧନ ଯାନ ଆଇନ କାର୍ଯ୍ୟକାରିତାକୁ ନେଇ ଏକ ବୈଠକ ରବିବାର ଖଇରା ଥାନା ପରିସରରେ ଆଇଆଇସି ଲୋପାମୁଦ୍ରା ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୭ ଦୁର୍ଗାପୂଜା କମିଟିର କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ମୁସଲିମ ବସ୍ତିର ମୁଖିଆମାନେ ଯୋଗ ଦେଇଥିଲେ। ପ୍ରଥମେ ଆଇଆଇସି ନାୟକ ଦୁର୍ଗାପୂଜାରେ ନିଶାଦ୍ରବ୍ୟ ଓ ଡିଜେ ବାଦ୍ୟକୁ ନିଷିଦ୍ଧ କରିବା ଉପରେ ଜୋର ଦେଇଥିଲେ। କେବଳ ରାତି ୧୨ଟା ପର୍ଯ୍ୟନ୍ତ ସାଧାରଣ ମାଇକ ବଜାଇବା ନେଇ ଉପରୁ ଅନୁମତି ଆସିଥିବା ନେଇ ଜଣାଇଥିଲେ। ଭସାଣି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସମୟରେ ସଂଯମତା ରକ୍ଷା କରିବାକୁ ଅବଗତ କରାଇଥିଲେ। ଅଷ୍ଟମୀଠାରୁ ଦଶମୀ ପର୍ଯ୍ୟନ୍ତ ଭିଡକୁ ଦୃଷ୍ଟିରେ ରଖି ସୋର-କୁପାରୀ ଓ ରାଣିତାଳ-କୁପାରୀ ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ କରିବାକୁ ପୂଜାମଣ୍ଡପ ମାଲିକମାନେ ଅନୁରୋଧ କରିବା ପରେ ଆଇଆଇସି କାର୍ଯ୍ୟାନୁଷ୍ଠାନ ପାଇଁ ଉପଜିଲାପାଳଙ୍କୁ ଜଣାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ପରେ ମୋଟର ଯାନ ନିୟମ ଆଇନ ଉପରେ ଆଇଆଇସି ମତାମତ ରଖି ଆସନ୍ତା ଅକ୍ଟୋବର ୨ରୁ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରାଯିବ। ଏନେଇ ମାଇକରେ ସର୍ବସାଧାରଣଙ୍କୁ ଜଣାଇ ଦିଆଯିବ। ପ୍ରଥମେ ହେଲମେଟ ଏବଂ ଆରସି ଉପରେ ଗୁରୁତ୍ୱ ଦିଆଯିବ। ପରବର୍ତ୍ତୀ ସମୟରେ ଅନ୍ୟ କାଗଜପତ୍ର ଉପରେ ନଜର ଦିଆଯିବ ବୋଲି ଆଇଆଇସି ନାୟକ କହିଥିଲେ। ବୈଠକରେ ଏସ୍ଆଇ ସୁଜାତା ମଲ୍ଲିକ, ଅଶ୍ୱିନୀ ବେହେରା,ଏଏସ୍ଆଇ ବାସୁଦେବ ମହାନ୍ତିଙ୍କ ସମେତ ବିଭିନ୍ନ ପୂଜା ମଣ୍ଡପର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

**ଖଇରାରେ ଶାନ୍ତି କମିଟି ବୈଠକ**


ବୈଠକରେ ଉପସ୍ଥିତ ଶାନ୍ତି କମିଟି କର୍ମକର୍ତ୍ତା।

### ମାଛ ଧରିବାକୁ ଯାଇ ଜୀବନ ଗଲା

ଖଇରା, ୨୯।୯(ଡି.ଏନ.ଏ.): ଖଇରା ଥାନା ଅଣ୍ଡାଇଲୋ ଗ୍ରାମର ମାଣିକ ଜେନା ବିଲକୁ ମାଛ ଧରିବାକୁ ଯାଇ ମୃତ୍ୟୁବରଣ କରିଛନ୍ତି। ଶନିବାର ଅପରାହ୍ଣରେ ମାଣିକ ବିଲରେ ବସାଇଥିବା ମୁଗୁରା (ଖଇଞ୍ଚି) ଉଠାଇବାକୁ ଯାଇଥିଲେ। ହଠାତ୍ ସେ ଭାରସାମ୍ୟ ରକ୍ଷା କରି ନ ପାରି ମୁହଁ ମାଡି ପାଣିରେ ପଡିଯାଇଥିଲେ। ଆଉ ଉଠିପାରି ନ ଥିଲେ। ଘରଲୋକ ଖୋଜାଖୋଜି କରି ସେଠାରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା।



## ସଂକ୍ଷେପରେ

### ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି

**ବାସୁଦେବପୁର, ୨୯।୯ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ସହର ଉପକଣ୍ଠସ୍ଥିତ ବାଲି କଲୋନୀରେ ରୀତାରାଣୀ ନାୟକ ନାମ୍ନୀ ଜଣେ ମହିଳାଙ୍କ ଘରୁ ଶନିବାର ରାତିରେ ଚୋରି ହୋଇଛି। ଘର ତାଲା ଭାଙ୍ଗି ଚୋରମାନେ ଲକ୍ଷାଧିକ ଟଙ୍କାର ଅଳଙ୍କାର ସହ ନଗଦ ୩ ହଜାର ଟଙ୍କା ଚୋରି କରି ନେଇଯାଇଛନ୍ତି। ଏ ସମ୍ପର୍କରେ ରୀତାରାଣୀ ରବିବାର ସକାଳେ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ରୀତାରାଣୀ ତାଙ୍କ ବାପାଙ୍କ ଘର ରାଧାବଲ୍ଲଭପୁର ଗ୍ରାମକୁ ଯାଇଥିବା ବେଳେ ରାତିରେ ଆଉ ବାଲି କଲୋନୀ ଘରକୁ ଫେରିପାରି ନ ଥିଲେ। ବାଲି କଲୋନୀ ଘରେ ଆଉ କେହି ବ୍ୟକ୍ତି ନ ଥିବାରୁ ତାଲା ପଡ଼ିଥିଲା। ଏହାର ସୁଯୋଗ ନେଇ ଚୋରମାନେ ଘର ଓ ଗଡ୍‌ରେଜ ତାଲା କାଟି ସୁନା ଗହଣା ଚୋରି କରି ନେଇଯାଇଥିବା ସେ ଦର୍ଶାଇଛନ୍ତି।

### ତେନ୍ତୁଳିଡିହିରେ ମିଶ୍ରଣ ପର୍ବ

**ଚାନ୍ଦବାଲି, ୨୯।୯ (ଡି.ଏନ.ଏ.):** ଚାନ୍ଦବାଲି ବ୍ଲକ ତେନ୍ତୁଳିଡିହି ପଞ୍ଚାୟତରେ ବିଜେଡିର ମିଶ୍ରଣ ପର୍ବ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଯୁବନେତା ପ୍ରିନ୍ସ ରାକେଶ ନାୟକଙ୍କ ନେତୃତ୍ୱରେ ପଞ୍ଚାୟତର ନାଏବ ସରପଞ୍ଚଙ୍କ ପ୍ରତିନିଧି ସୁଶାନ୍ତ ରାଉତ, ସୁବାସ ଦାସ, ମିନତି ରାଉତ, ନିମାଇଁ ଦାସଙ୍କ ସହ ୨୦ରୁ ଅଧିକ ଲୋକ ବିଜେଡିରେ ସାମିଲ ହୋଇଛନ୍ତି। ଏହି ଅବସରରେ ଅନୁଷ୍ଠିତ ସଭାରେ ବିଧାୟକ ବ୍ୟୋମକେଶ ରାୟ ଯୋଗଦେଇ ଚାନ୍ଦବାଲିର ବିକାଶ ପାଇଁ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟ ଓ ବ୍ୟୟବରାଦ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାପତିତ୍ୱ କରିଥିଲେ ଭଦ୍ରକ ଜିଲା ପରିଷଦ ଅଧକ୍ଷ ଦ୍ୱିଜବର ରାଉତ। ଖିଗେଶ୍ୱର ବଳ, ଶରତ ସାହୁ, ନରେଶ ମାଝୀ, ସୁଦାମ ପତ୍ରୀ, ସୁବାସ ମହାନ୍ତି, ରତିକାନ୍ତ ବେହେରା, ପ୍ରତାପ ବିଶ୍ୱାଳ ଓ ଶୁଭେନ୍ଦୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ବିଗତ ୨ଟି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭାଜପାର ସମର୍ଥକଙ୍କ ଦଖଲରେ ଏହି ପଞ୍ଚାୟତ ରହିଛି। ଚଳିତବର୍ଷ ମାର୍ଚ୍ଚ ମାସରେ ସରପଞ୍ଚ ନିର୍ମଳ ଟିକାୟତ ରାୟଙ୍କ ମୃତ୍ୟୁ ପରେ ଏଠାରେ ଉପନିର୍ବାଚନ ଅନୁଷ୍ଠିତ ହେବ। ପଞ୍ଚାୟତରେ ୫ଟି ପର୍ଯ୍ୟାୟରେ ଅନ୍ୟ ଦଳ ଛାଡ଼ି କେତେକ ନେତା ଓ କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି। ବିଜେଡିର ସଙ୍ଗଠନ ବୃଦ୍ଧି ପାଇବା ସହିତ ଦଳର ସମର୍ଥକ ଏଠାରେ ବିଜୟୀ ହେବେ ବୋଲି ଆଲୋଚନା ହେଉଛି।

### ସ୍କୁଲ୍‌ରୁ କମ୍ପ୍ୟୁଟର ଚୋରି

**ଭଣ୍ଡାରିପୋଖରୀ, ୨୯।୯ (ଡି.ଏନ.ଏ.) :** ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ନେରଡା ପଞ୍ଚାୟତ ସୁବର୍ଣ୍ଣମୁଖୀ ଉଚ୍ଚ ବିଦ୍ୟାଳୟରୁ ଶନିବାର ବିଳମ୍ବିତ ରାତିରେ ଚୋରମାନେ ୧୨ଟି କମ୍ପ୍ୟୁଟର ଓ ଯନ୍ତ୍ରାଂଶ ଚୋରି କରି ନେଇଯାଇଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟରେ ଥିବା ରାତ୍ର ଜଗୁଆଳଙ୍କୁ ଚୋରମାନେ ଏକ ଘରେ ପୂରାଇ ଦେଇ କମ୍ପ୍ୟୁଟର ଗୃହ ତାଲା ଭାଙ୍ଗି ଚୋରି କରିଥିବା ପ୍ରଧାନଶିକ୍ଷୟିତ୍ରୀ ଶିଳ୍ପୀ ସଞ୍ଜିବିତା ନାୟକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

### ବିଜେଡିରେ କଂଗ୍ରେସ କର୍ମୀ

**ବନ୍ତ, ୨୯।୯ (ଡି.ଏନ.ଏ.):** ବନ୍ତ ବ୍ଲକ ଓଡଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ସହ ବହୁ କଂଗ୍ରେସ କର୍ମୀ ବିଜେଡ଼ିରେ ଯୋଗ ଦେଇଛନ୍ତି। ବନ୍ତସ୍ଥିତ ବିଜେଡି କାର୍ଯ୍ୟାଳୟଠାରେ ବ୍ଲକ ସଭାପତି କମଳାକାନ୍ତ ସାହୁଙ୍କ ଅଧକ୍ଷତାରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଜିଲାପରିଷଦ ସଭ୍ୟା ରେବତୀ ନାୟକ, ଓଡଙ୍ଗ ପଞ୍ଚାୟତ ବିଜେଡି ସଭାପତି ନାରାୟଣ ଚନ୍ଦ୍ର ଦାସ, ସାମାଜିକ କର୍ମୀ ଭାମଚରଣ ସାହୁ, ସମିତିସଭ୍ୟା ସୁଲୋଚନା ଜେନା, ଓଡଙ୍ଗ ସେବା ସମବାୟ ସମିତି ସଭାପତି ଶଶୀକାନ୍ତ ଜେନା, ଯୁଧିଷ୍ଠିର ପଣ୍ଡା, ଆଇନଜୀବୀ ମାଧବାନନ୍ଦ ଦାସ ଓ ଜଗତ ଜୀବନ ଜେନା ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ଙ୍ଗର ପୂର୍ବତନ ସରପଞ୍ଚ ଦୀପାଞ୍ଜଳି ରାଉତ ଓ ରମାକାନ୍ତ ରାଉତଙ୍କ ନେତୃତ୍ୱରେ ଦିଲୀପ ପୁହାଣ, ପ୍ରଦୀପ ରାଉତ, କାହ୍ନୁଚରଣ ଜେନା, ଅଶୋକ ନାୟକ, ଶ୍ୟାମସୁନ୍ଦର ଦାସ, ଭାଗୀରଥି ପଢ଼ିଆରୀ, ନିରଞ୍ଜନ ବିଶ୍ୱାଳ, ଚତୁର୍ଭୁଜ ନାୟକ, ରାମଚନ୍ଦ୍ର ରାଉତ, ୱାର୍ଡସଭ୍ୟା କାଞ୍ଚନ ସେଠୀ, ଉପେନ୍ଦ୍ର ଜେନାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ନୂତନ ଭାବେ ବିଜେଡିରେ ଯୋଗଦାନ କରିଥିବା ନେତୃତ୍ୱ ଓ ସମସ୍ତ କର୍ମୀଙ୍କୁ ବିଧାୟକ ସାମଲ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ।

# ‘ସାଧନା କେବେ ବ୍ୟର୍ଥ ଯାଏ ନାହିଁ’

ଦେବେନ୍ଦ୍ର ଆନ୍ଦିଆ
ଭଣ୍ଡାରିପୋଖରୀ, ୨୯।୯

ନିଆରା ବ୍ରହ୍ମଚାରୀ ସାଧକ ବିଶ୍ୱମ୍ଭର



ଛାତ୍ର ଜୀବନରୁ ବେଦ ବେଦାନ୍ତ, ଗୀତା ଭାଗବତର ବୈଜ୍ଞାନିକ କାରଣ ଖୋଜି ବାହାର କରିବା ଲକ୍ଷ୍ୟ ତାଙ୍କ ଜୀବନର ଗତିପଥ ବଦଳାଇ ଦେଇଥିଲା। ପିଲାଦିନରୁ ସନ୍ନ୍ୟାସ ମାର୍ଗରେ ଯିବାକୁ ମନ ଥିଲା। ସେଥିଲାଗି ବ୍ରହ୍ମଚାରୀ ଜୀବନ ଆପଣାଇ ସାଧନା ଜାରି ରଖିଛନ୍ତି। ୧୯୮୧ରେ ବିଏସ୍‌ସି ପାସ୍ କରି ଇଞ୍ଜିନିୟରିଂ ଡିଗ୍ରୀ ହାସଲ ପରେ କିଛିଦିନ ରିଜିଓନାଲ ରିସର୍ଚ୍ଚ ଲାବୋରେଟୋରିରେ ଅସ୍ଥାୟୀ ଭାବେ ଚାକିରି କରିଥିଲେ। ଏହି ସମୟରେ ଭାରତୀୟ ଶିଳ୍ପବିଦ୍ୟା ବାସ୍ତୁଗଣିତକୁ ଇଞ୍ଜିନିୟରିଂ କୋର୍ସରେ ସାମିଲ କରିବା ଉଦ୍ଦେଶ୍ୟରେ ସେ ସରଳ ବୀଜଗାଣିତିକ ସୂତ୍ର ବାହାର କରି ବାସ୍ତୁଗଣିତ ନାମରେ ଏକ ପାଣ୍ଡୁଲିପି ରଚନା କରିଥିଲେ। ପରେ ଶେଷକ ଭଗ୍ନାଂଶ ନାମକ ନୂତନ ଗଣିତ ଆବିଷ୍କାର କରିଥିଲେ। ଦୀର୍ଘ ୫ ବର୍ଷ ପରେ ୨୦୦୪ରେ ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ଥାପିତ ଇନଷ୍ଟିଚ୍ୟୁଟ୍ ଅଫ୍ ମାଥ୍‌ମେଟିସ୍ ଆଣ୍ଡ ଆପ୍ଲିକେଶନ୍ସ ତରଫରୁ ପ୍ରକାଶିତ ତ୍ରୈମାସିକ ପତ୍ରିକା ଗଣିତ ବିଚିତ୍ରାରେ ଏହା ପ୍ରକାଶ ପାଇଥିଲା। ଲେଖାଗୁଡ଼ିକ ବଡ଼ ହୋଇଥିବାରୁ ପୁସ୍ତକ ଆକାରରେ ପ୍ରକାଶ କରିବା ପାଇଁ ଅନୁଷ୍ଠାନର କର୍ତ୍ତୃପକ୍ଷଙ୍କ ସମେତ ରାଜ୍ୟ ସରକାରଙ୍କୁ ବହୁବାର ଆବେଦନ କରି ସେ ନିରାଶ ହୋଇଛନ୍ତି। ତାଙ୍କ ଲକ୍ଷ୍ୟ ରହିଛି ଅଧୁରା। ସେ ଆବିଷ୍କାର କରିଥିବା ତଥ୍ୟ ଶିକ୍ଷା କ୍ଷେତ୍ର ପାଇଁ ଅତ୍ୟନ୍ତ ଉପଯୋଗୀ ହେବ ବୋଲି ଆତ୍ମବିଶ୍ୱାସ ରଖି ଆଜି ବି ସେ ଆଶାରେ ରହିଛନ୍ତି।

ଏହି ଆଜୀବନ ବ୍ରହ୍ମଚାରୀ ସାଧକ ହେଲେ ବିଶ୍ୱମ୍ଭର ଦାସ। ଘର ଯାଜପୁର ଜିଲା ଦଶରଥପୁର ବ୍ଲକ ବନ୍ଧସାହି ଗ୍ରାମରେ। ଉଚ୍ଚଶିକ୍ଷା ଲାଭ କରି ଚାକିରି କରିଥିଲେ ମଧ୍ୟ ଜୀବନର ଲକ୍ଷ୍ୟ ତାଙ୍କୁ ଆଧ୍ୟାତ୍ମିକତା ଆଡ଼କୁ ଟାଣି ନେଇଥିଲା। ଚାକିରି ଛାଡ଼ି ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଇଚ୍ଛାପୁରସ୍ଥିତ ବାୟୁଟାଙ୍ଗି ମଠରେ କିଛିବର୍ଷ ରହିବା ପରେ ୧୯୮୫ରେ ଭୁବନେଶ୍ୱରରେ ବ୍ରହ୍ମ ଅବଧୂତ ଠାକୁର ଶ୍ରୀ ଶ୍ରୀ ଦୟାନିଧି ପରମହଂସ ଦେବଙ୍କ ପାଖରେ ଆଧ୍ୟାତ୍ମିକତା ଜ୍ଞାନ ଶିକ୍ଷା କରିଥିଲେ। ୧୯୯୦ରେ ଗ୍ରହଣ କରିଥିଲେ ସନ୍ନ୍ୟାସ ବ୍ରତ। ପରେ ୧୯୯୫ରେ ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ ନିକଟ ଦେଓପଦାସ୍ଥିତ ଶାନ୍ତିବଟ ଆଶ୍ରମକୁ ଆସି ରହିଥିଲେ। ୧୯୯୭ରେ ଥଇଲା ଗ୍ରାମର ଜଣେ ବଦାନ୍ୟ ବ୍ୟକ୍ତି କିଛି ଜମି ଦାନ କରିବାରୁ ସେବେଠାରୁ ରାଜେନ୍ଦ୍ରପୁର ପଞ୍ଚାୟତ ଥଇଲା ଗ୍ରାମଠାରେ ‘ଦୟାଜ୍ୟୋତି ଆଶ୍ରମ’ ପ୍ରତିଷ୍ଠା କରି ମହନ୍ତ ଭାବେ ରହିଆସୁଛନ୍ତି। ଏକ ସାକ୍ଷାତକାରରେ ବିଶ୍ୱମ୍ଭର କହିଛନ୍ତି, ଶିକ୍ଷା କ୍ଷେତ୍ରରେ କିଛି ନୂଆ କରି ଦେଖାଇବା ଇଚ୍ଛାରୁ ସେ ବାସ୍ତୁଗଣିତ ଓ ଶେଷକ ଭଗ୍ନାଂଶ ସୂତ୍ର ବାହାର କରିଛନ୍ତି। ଏହି ଗାଣିତିକ ସୂତ୍ର ତୃତୀୟ ଶ୍ରେଣୀରୁ ପୋଷ୍ଟ ଗ୍ରାଜୁଏଟ୍ ପର୍ଯ୍ୟନ୍ତ ପିଲାମାନେ ପଢ଼ିପାରିବେ। ଏହି ଗଣିତକୁ ଜଣେ ଛାତ୍ର ସହଜରେ ସମାଧାନ କରିପାରିବ। ଆଜିକାଲି କମ୍ପିଟେଟିଭ ଯୁଗରେ ଏଭଳି ସରଳ ସୂତ୍ର ଓ ଜ୍ଞାନର ଉପାଦେୟତା ରହିଥିବା ସେ କହିଛନ୍ତି।

କେବଳ ଗାଣିତିକ ସୂତ୍ର ନୁହେଁ, ଶିକ୍ଷା ମାଧ୍ୟମରେ ପିଲାଙ୍କୁ ଭଲମଣିଷ କରି ଗଢ଼ିବା ଏବଂ ଯୋଗ ସାଧନା ବଳରେ ସମାଜର ମଙ୍ଗଳ କରିବା ପାଇଁ ସେ କାର୍ଯ୍ୟ କରି ଆସୁଛନ୍ତି। ଦଶମ ଶ୍ରେଣୀ ପଢୁଥିବା ବେଳେ ଗୀତାକୁ ଓଡ଼ିଆ ପଦ୍ୟରେ ଅନୁବାଦ କରି ଗୀତାବାଣୀ ନାମକ ବହି ଛାପିଥିଲେ। ପରେ ଗୀତା ପରିଭାଷା, କୈବଲ୍ୟ କଳ୍ପ, ମହାପୁରୁଷ ଦୟାନିଧି ପରମହଂସ ଦୟାବାଣୀ ଭଳି କେତେକ ଆଧ୍ୟାତ୍ମିକ ପୁସ୍ତକ ରଚନା କରିଛନ୍ତି। ତାଙ୍କ ଗୁରୁଙ୍କଠାରୁ ଦିଗ୍‌ଦର୍ଶନ ନେଇ ସେ ଏହି ସାଧନା ପଥରେ ଆଗକୁ ବଢ଼ି ଚାଲିଛନ୍ତି। ତାଙ୍କ ଉପଲବ୍ଧି ଓ ଜ୍ଞାନର ବିନିଯୋଗ ଲାଗି ସୁଯୋଗ ଏଯାଏ ମିଳି ନ ଥିବାରୁ ଏହା ଅବସୋସ ହୋଇ ରହିଛି। ତଥାପି ତାଙ୍କ ଲକ୍ଷ୍ୟ ଦିନେ ନା ଦିନେ ସଫଳ ହେବ ବୋଲି ସେ ଆଶା ରଖିଛନ୍ତି। ‘ଦୟାଜ୍ୟୋତି ଆଶ୍ରମ’କୁ ଅନେକ ବ୍ୟକ୍ତି ଆସୁଥିଲେ ବି ସେଠାରେ ଭିତ୍ତିଭୂମି ଓ ଗମନାଗମନର ଭଲ ସୁବିଧା ନ ଥିବାରୁ ସେମାନଙ୍କୁ ଯୋଗ ଶିଖାଇବା ସହଜ ହେଉ ନାହିଁ। ଏହା ସତ୍ତ୍ୱେ ଯୋଗ ସାଧନା ସମ୍ପର୍କରେ ସେ ସଚେତନତାର ବାର୍ତ୍ତା ପ୍ରଚାର କରି ଆସୁଛନ୍ତି। ଉଦ୍ଭାବନ କରିଥିବା ଗାଣିତିକ ସୂତ୍ରକୁ ବହି ଆକାରରେ ପ୍ରକାଶ କରିବା ପାଇଁ ୨୦୧୬ରେ ସରକାରଙ୍କୁ ପାଣ୍ଡୁଲିପି ପ୍ରଦାନ କରି ଅପେକ୍ଷାରେ ରହିଛନ୍ତି। ଅର୍ଥାଭାବ କାରଣରୁ ସେ ନିଜେ ଏହାକୁ ପ୍ରକାଶ କରିପାରି ନାହାନ୍ତି। ସରଳ ଓ ନିରାଡ଼ମ୍ବର ଜୀବନ ବିତାଉଥିବା ଏହି ନିରଳସ ସାଧକ ତାଙ୍କ ଆଶ୍ରମରେ ଦୟା ଓ ଜ୍ଞାନଜ୍ୟୋତିର ବାର୍ତ୍ତା ଆଜି ବି ବାଣ୍ଟି ଚାଲିଛନ୍ତି। ସାଧନା କେବେ ବ୍ୟର୍ଥ ଯାଏ ନାହିଁ। ଦିନେ ନା ଦିନେ ଏହା ସମାଜର କଲ୍ୟାଣରେ ଆସିବ ବୋଲି ସେ କହନ୍ତି।

## ‘ଅନ୍ନପୂର୍ଣ୍ଣା ବେଶରେ ମା’’



ଦୁର୍ଗାପୂଜା ଉପଲକ୍ଷେ ଆରଡ଼ି ଆଖଣ୍ଡଳମଣି ପୀଠରେ ରବିବାର ମା’ ଦୁର୍ଗା ଅନ୍ନପୂର୍ଣ୍ଣା ବେଶରେ ଦର୍ଶନ ଦେଉଛନ୍ତି।

# ନୂଆଖାଇ ଭେଟ୍‌ଘାଟ ପାଳିତ



ବନ୍ଦର ପରିସରରେ ନୂଆଖାଇ ଭେଟ୍‌ଘାଟ।

**ଭଦ୍ରକ ଅଫିସ, ୨୯।୯:** ନୂଆ ଧାନ ସହ ନୂଆ ଆଶା, ପ୍ରେମ, ଭାତୃତ୍ୱ ତଥା ଆନନ୍ଦର ଉତ୍ସବ ନେଇ ଆସିଥିବା ନବାନ୍ନ ପର୍ବ ନୂଆଖାଇ ଭେଟ୍‌ଘାଟ ଧାମରା ବନ୍ଦର ପରିସରରେ ଗତ ୨୭ ତାରିଖରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବନ୍ଦର ପରିସରରେ ଥିବା କମ୍ୟୁନିଟି ହଲ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ ତ୍ରିପାଠୀ ଓ ମୁଖ୍ୟ ପରିଚାଳନା ଅଧିକାରୀ ସୁଦୀପ ଦାସଗୁପ୍ତା ଯୋଗ ଦେଇଥିଲେ। ଭେଟ୍‌ଘାଟ୍ ପାଳନ ଦ୍ୱାରା ବନ୍ଦରରେ କାର୍ଯ୍ୟରତ କର୍ମଚାରୀ ଏବଂ ସମସ୍ତଙ୍କ ମଧ୍ୟରେ ଏକତା ଓ ଭାଇଚାରା ସୁଦୃଢ ହେବ ବୋଲି କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଥିଲା। ବନ୍ଦରର ସମସ୍ତ କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ ଓ ଛୋଟ ପିଲାମାନେ କାର୍ଯ୍ୟକ୍ରମରେ ସାମିଲ ହେବା ସହ ଉପଭୋଗ କରିଥିଲେ।

# ପାରାଦୀପରେ ମତ୍ସ୍ୟଜୀବୀଙ୍କୁ ନିଆଁ ଚେଙ୍କ

**ବାସୁଦେବପୁର, ୨୯।୯ (ଡି.ଏନ.ଏ.):** ବାସୁଦେବପୁର ଥାନା ଅଧୀନ ଖରିଦା ବିନାୟକପୁର ଗ୍ରାମର ଅଗଣୀ ମଲିକ ନାମକ ଜଣେ ମତ୍ସ୍ୟଜୀବୀଙ୍କୁ ପାରାଦୀପରେ ଜଣେ ଲଞ୍ଚ ଡ୍ରାଇଭର ନିଆଁ ଚେଙ୍କ ଦେଇଥିବା ଅଭିଯୋଗ ହୋଇଛି।

ଏଥିରେ ଅଗଣୀ ଗୁରୁତର ହୋଇଛନ୍ତି। ଉକ୍ତ ଲଞ୍ଚ ଡ୍ରାଇଭରଙ୍କ ଘର ବାସୁଦେବପୁର ବ୍ଲକ ଗୁଆଗଡ଼ିଆ ଗ୍ରାମରେ। ଅଗଣୀ ଶନିବାର ଘରେ ପହଞ୍ଚିବା ପରେ ଏହି ଘଟଣା ପଦାକୁ ଆସିଛି। ଲଞ୍ଚ ଡ୍ରାଇଭରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହିତ ଘଟଣାର ତଦନ୍ତ ଦାବି କରିଛନ୍ତି ଆହତ ଅଗଣୀ ଓ ତାଙ୍କ ପରିବାର। ଅଗଣୀଙ୍କ ଦେହର ବିଭିନ୍ନ ଅଂଶରେ ନିଆଁ ଚେଙ୍କର ସଦ୍ୟଦାଗରୁ ଘା ସୃଷ୍ଟି ହୋଇଛି। ଏପରିକି ତାଙ୍କ ମଳଦ୍ୱାରରେ ରଡ୍ ପୂରାଯାଇଥିବା ଓ ଯୌନାଙ୍ଗରେ ମଧ୍ୟ ଚେଙ୍କ ଦିଆଯାଇଥିବା ସେ ପ୍ରକାଶ କରିଛନ୍ତି। ବାସୁଦେବପୁର ଡାକ୍ତରଖାନାରେ ତାଙ୍କର ଚିକିତ୍ସା କରାଯାଇଛି।

ଅଗଣୀଙ୍କ କହିବା ଅନୁଯାୟୀ, ୩ ମାସ ତଳେ ସେ ଗୁଆଗଡିଆର ଜଣେ ଯୁବକଙ୍କ ସହିତ ମତ୍ସ୍ୟଜୀବୀ ଭାବେ କାମ କରିବାକୁ ପାରାଦୀପକୁ ଯାଇଥିଲେ। ଅନ୍ୟ ୬ ସହଯୋଗୀଙ୍କ ସହିତ ସେ ସମୁଦ୍ରକୁ ମାଛ ଧରିବାକୁ ନିୟମିତ ଯାଉଥିଲେ। କାମ ବାବଦକୁ ଟଙ୍କା ମାଗିବାରୁ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଇଥିଲା। ସେହି ଯୁବକ ତଥା ଲଞ୍ଚ ଡ୍ରାଇଭର ଗ୍ୟାସ୍‌ରେ ସ୍କ୍ରୁ ଡ୍ରାଇଭରକୁ ତତାଇ ତାଙ୍କୁ ଚେଙ୍କ ଦେଇଥିଲେ। ଏ ସମ୍ପର୍କରେ ବୋଟ୍ ମାଲିକ ଜାଣିବା ପରେ ତାଙ୍କୁ ଓ ସେହି ଯୁବକଙ୍କୁ ଘରକୁ ପଠାଇ ଦେଇଥିଲେ। ସମ୍ପୃକ୍ତ ଯୁବକଙ୍କୁ ଅଗଣୀଙ୍କ ପରିବାର ଲୋକ ନିର୍ଯାତନା ସମ୍ପର୍କରେ ପଚାରିବାରୁ ସେ ଓ ତାଙ୍କ ସହଯୋଗୀମାନେ ଗାଳିଗୁଲଜ କରିଛନ୍ତି। ଏ ସମ୍ପର୍କରେ ଆହତ ଅଗଣୀଙ୍କ ପରିବାର ପକ୍ଷରୁ ବାସୁଦେବପୁର ଥାନାରେ ଜଣାଯାଇଥିଲେ ମଧ୍ୟ ପାରାଦୀପରେ ଘଟଣା ଘଟିଥିବାରୁ ପୋଲିସ ଦୂରେଇ ରହୁଥିବା କୁହାଯାଉଛି।

# ଆଇନ ସଚେତନତା ଶିବିର

**ପଦ୍ମପୁର, ୨୯।୯ (ଡି.ଏନ.ଏ.):** ବାସୁଦେବପୁର ବ୍ଲକ ସୁଗୋ ପଞ୍ଚାୟତର କଲ୍ୟାଣପୁର ପ୍ରାଥମିକ ବିଦ୍ୟାଳୟଠାରେ ଏସିଡ୍ ଆକ୍ରମଣ ପୀଡିତାଙ୍କ ପାଇଁ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବାସୁଦେବପୁର ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ଅରୋଲିପି ପରିଜା ସଭାପତିତ୍ୱ କରିଥିଲେ। କନିଷ୍ଠ ବିଚାରପତି ଅମିତ ବେହେରା ମୁଖ୍ୟଅତିଥି ଏବଂ ସୁଗୋ ସରପଞ୍ଚ ମାନସୀ ନାୟକ, ଆଇନଜୀବୀ ଗୋବର୍ଦ୍ଧନ ବଳ, ନାରାୟଣ ଚନ୍ଦ୍ର ନାୟକ, ସ୍ମୃତିରଞ୍ଜନ ପଳିତା, ରାଜାକୁମାର ନାୟକ, ଦିଲୀପ ନାୟକ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଗ୍ରାମାଞ୍ଚଳରେ ସାଧାରଣ ଲୋକଙ୍କ ଆଇନଗତ ସମସ୍ୟା, ସମାଜରେ କ୍ରମବର୍ଦ୍ଧିଷ୍ଣୁ ଅପରାଧ ଓ ତାହାର ଆଇନଗତ ଦିଗ, ଏସିଡ୍ ଆକ୍ରମଣ ପୀଡ଼ିତାଙ୍କ ପାଇଁ ଆଇନର ସହାୟତା, ସଂସ୍କାରିତ ସମାଜ ଗଠନ ଲାଗି ଆଇନ ସଚେତନତାରେ ମହିଳାଙ୍କ ଭୂମିକା ବିଷୟରେ ଆଲୋଚନା କରିଥିଲେ। ଶିବିରକୁ ଜାତୀୟ ଆଇନସେବା ପ୍ରାଧିକରଣ କର୍ତ୍ତୃପକ୍ଷ ପ୍ରାୟୋଜିତ କରିଥିଲେ। ସାମାଜିକ କର୍ମୀ ସୌକତ ଖାଁ ଧନ୍ୟବାଦ ଦେଇଥିଲେ।

## ଜବତ ଓଭରଲୋଡିଂ ବାଲିଗାଡ଼ିକୁ ଛଡ଼ାଗଲା

**ବନ୍ତ, ୨୯।୯ (ଡି.ଏନ.ଏ.):** ବନ୍ତ ତହସିଲ ପକ୍ଷରୁ ଏକ ଓଭରଲୋଡିଂ ବାଲି ବୋଝେଇ ଟ୍ରକ ଶନିବାର ଜବତ କରାଯାଇଥିଲା। ରବିବାର ପିଆର୍ ବଣ୍ଡ ଭିତ୍ତିରେ ମାଲିକଙ୍କ ଜିମାରେ ଗାଡ଼ିକୁ ଛାଡ଼ି ଦିଆଯାଇଛି। ତେବେ ଏ ନେଇ ବନ୍ତ ଥାନାରେ ମାମଲା(ଏମ୍‌ଭି ପିଆର୍ ନଂ.୧/୧୯) ରୁଜୁ ହୋଇଛି। ସୂଚନା ଅନୁସାରେ, ଶନିବାର ରାତି ପ୍ରାୟ ୯ଟା ବେଳେ ଏକ ବାଲି ବୋଝେଇ ଟ୍ରକ ଆନନ୍ଦପୁର ଆଡୁ ଭଦ୍ରକ ଯାଉଥିଲା। ଭଦ୍ରକ-ଆନନ୍ଦପୁର ୫୩ ନମ୍ବର ରାଜ୍ୟ ରାଜପଥର ସିନେମା ହଲ ଛକଠାରେ ରାସ୍ତାରେ ଶୋଇଥିବା ଏକ ଷଣ୍ଢକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଷଣ୍ଢର ମୃତ୍ୟୁ ଘଟିଥିଲା। ଖବର ପାଇ ପୋଲିସ ଟ୍ରକକୁ ଜବତ କରି ଥାନାକୁ ନେଇଥିଲା। ରବିବାର ଟ୍ରକର ସମସ୍ତ କାଗଜପତ୍ର ଯାଞ୍ଚ କରାଯିବା ପରେ ଛଡ଼ାଯାଇଥିବା ଜଣାଯାଇଛି।

# ବିଦାୟ ନେଲେ ବୁଢ଼ା ଗଣେଶ



ଭସାଣି ପାଇଁ ବାବା ବୁଢାଗଣେଶଙ୍କୁ ନିଆଯାଉଛି।

**ଭଦ୍ରକ ଅଫିସ, ୨୯।୯**

୨୭ ଦିନ ଧରି ପୂଜା ପାଇବା ପରେ ଭଦ୍ରକର ପ୍ରସିଦ୍ଧ ବାବା ବୁଢ଼ା ଗଣେଶ ରବିବାର ବିଦାୟ ନେଇଛନ୍ତି। ପାରମ୍ପରିକ ଶୋଭାଯାତ୍ରାରେ ନିଆଯାଇ ବୁଢ଼ା ଗଣେଶଙ୍କୁ ବିସର୍ଜନ କରାଯାଇଛି। ଚଳିତବର୍ଷ ପୋଲିସ ପକ୍ଷରୁ ଭସାଣି ଉତ୍ସବର ଭିଡିଓଗ୍ରାଫି ତଥା ଡ୍ରୋନ ଭିଡିଓଗ୍ରାଫି କରାଯାଉଥିବା ଦେଖିବାକୁ ମିଳିଥିଲା। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଠାକୁରଙ୍କୁ ସୁସଜ୍ଜିତ କରାଯାଇ ଶୋଭାଯାତ୍ରାରେ ପୁରୁଣାବଜାର ଅଞ୍ଚଳ ପରିକ୍ରମା ପରେ ସାଳନ୍ଦୀରେ ବିସର୍ଜନ କରାଯାଇଥିଲା। ଭସାଣି ଶୋଭାଯାତ୍ରାରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଡିଜେ, ବାଦ୍ୟଯନ୍ତ୍ର, ଘଣ୍ଟୁଆଳ, ଲୋକନୃତ୍ୟ, ମାଦଳ, ଦୁଲୁଦୁଲି ବାଦ୍ୟ ସାଙ୍ଗକୁ ଲୋକନୃତ୍ୟ ମୁଖ୍ୟ ଆକର୍ଷଣ ଥିଲା। ହଜାର ହଜାର ଶ୍ରଦ୍ଧାଳୁ ରାସ୍ତାର ଉଭୟପାର୍ଶ୍ୱରେ ବୁଢ଼ା ଗଣେଶଙ୍କୁ ଦର୍ଶନ କରିଥିଲେ। ଉଭୟ ସମ୍ପ୍ରଦାୟର ଶ୍ରଦ୍ଧାଳୁ ଶୋଭାଯାତ୍ରାରେ ସାମିଲ ଥିଲେ।

ଭସାଣିରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ଏସ୍‌ପି ରାଜେଶ ପଣ୍ଡିତଙ୍କ ନେତୃତ୍ୱରେ ୭ ଜଣ ଡିଏସ୍‌ପି, ୧୩ ଇନ୍ସପେକ୍ଟର, ୬୦ ସବ୍‌ଇନ୍ସପେକ୍ଟର ଓ ୧୮ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ଏହାସହ ୯ ଜଣ ମାଜିଷ୍ଟ୍ରେଟ୍ ଦାୟିତ୍ୱ ତୁଲାଇଥିଲେ। ଶୋଭାଯାତ୍ରା ଯାଉଥିବା ସ୍ଥାନଗୁଡ଼ିକରେ ବ୍ୟାପକ ପୋଲିସ ମୁତୟନ ସାଙ୍ଗକୁ ବିଭିନ୍ନ ରାସ୍ତା ବିଶେଷ କରି ପୁରୁଣାବଜାର ଅଞ୍ଚଳ, ନଙ୍ଗାମହଲା, ବାଙ୍କାବଜାର, ଗରଦପୁର ସମେତ ସହରର ପ୍ରମୁଖ ଛକରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ପରିସ୍ଥିତି ନିୟନ୍ତ୍ରଣ ଲାଗି ର୍‍ୟାପିଡଆକ୍ସନ ଫୋର୍ସ ମଧ୍ୟ ମୁତୟନ ଥିଲେ।

# ଶିବଗଙ୍ଗାରେ ଦୂଷିତ ଜଳ ନେଇ ଉଦ୍‌ବେଗ

ଆରଡ଼ି, ୨୯।୯ (ଡି.ଏନ.ଏ.)

- ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଘେରିଲେ ସେବାୟତ
- ସମାଧାନ ନ ହେବା ପର୍ଯ୍ୟନ୍ତ ଯୋଗାଯିବ ପାଇପ୍ ପାଣି




ସେବାୟତମାନେ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ସମସ୍ୟା ସମ୍ପର୍କରେ କହୁଛନ୍ତି।

ଭଦ୍ରକର ପ୍ରସିଦ୍ଧ ବାବା ଆଖଣ୍ଡଳମଣିଙ୍କ ପୀଠ ଆରଡ଼ିରେ ମାଷ୍ଟର ପ୍ଲାନ କାର୍ଯ୍ୟକାରିତା ନେଇ ଜିଲା ପ୍ରଶାସନ ଉଦ୍ୟମ ଅବ୍ୟାହତ ରଖିଛି। ପୀଠରେ ଥିବା ବିଭିନ୍ନ ମୌଳିକ ସମସ୍ୟା ସମାଧାନ ଦିଗରେ ନିରୀକ୍ଷଣ କରିବାକୁ ଜିଲାପାଳ ରବିବାର ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାଶଙ୍କୁ ପଠାଇଥିଲେ। ସେ ପୀଠରେ ପହଞ୍ଚି ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରି ସାରିବା ପରେ ସେବାୟତମାନେ ବିଭିନ୍ନ ପ୍ରସଙ୍ଗ ନେଇ ତାଙ୍କୁ ଘେରିଥିଲେ। ମୁଖ୍ୟତଃ ଶିବଗଙ୍ଗା ପୁଷ୍କରିଣୀରେ ଦୂଷିତ ଜଳ ନେଇ ସେବାୟତମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ପୁଷ୍କରିଣୀରେ ଦଳ ଭାସିବା ଓ ଏହାର ଜଳ ବ୍ୟବହାର ଅନୁପଯୋଗୀ ହୋଇଥିବା ବେଳେ ପ୍ରତିକାର ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ କରି ଅସନ୍ତୋଷ ପ୍ରକାଶ ପାଇଥିଲା। ମନ୍ଦିର ପ୍ରଶାସନ ପକ୍ଷରୁ ଜାଣିଶୁଣି ଜଳ ପ୍ରକଳ୍ପ ପାଣିକୁ ବନ୍ଦ କରି ପୁଷ୍କରିଣୀର ପ୍ରଦୂଷିତ ଜଳକୁ ବ୍ୟବହାର କରିବାକୁ ବାଧ କରାଯାଉଥିବା ସେମାନେ ସମ୍ପୃକ୍ତ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ତୁରନ୍ତ ଏହାର ସମାଧାନ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବେ ବୋଲି ସେବାୟତମାନେ ଚେତାବନୀ ଦେଇଥିଲେ।

ସେବାୟତମାନଙ୍କ ଅଭିଯୋଗକୁ ଭିତ୍ତିକରି ପ୍ରକଳ୍ପ ନିର୍ଦ୍ଦେଶକ ଦାଶ ସେମାନଙ୍କ ସହ ଆଲୋଚନା କରିଥିଲେ। ସେହି ମୁହୂର୍ତ୍ତରେ ପାଇପ୍ ପାଣି ଯୋଗାଇ ଦେବାକୁ ସେ ମନ୍ଦିରରେ କାର୍ଯ୍ୟରତ ଆସିଷ୍ଟାଣ୍ଟ ମ୍ୟାନେଜରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୁଷ୍କରିଣୀ ଜଳ ବ୍ୟବହାର ଉପଯୋଗୀ ନ ହେବା ପର୍ଯ୍ୟନ୍ତ ସବୁଦିନ ପାଇପ୍ ପାଣି ସେବାୟତ ଓ ଶ୍ରଦ୍ଧାଳୁମାନଙ୍କୁ ଯୋଗାଇବା, ବେଢ଼ା ଓ ଏହାର ଚତୁଃପାର୍ଶ୍ୱକୁ ଦିନରେ ୩ ଥର ସଫେଇ କରିବାକୁ ସେ ତାଗିଦ୍ କରିଥିଲେ। ଏଥିସହିତ ଅପରିଷ୍କାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ। ଶିବଗଙ୍ଗା ପୁଷ୍କରିଣୀର ପୁନରୁଦ୍ଧାର କାମ ଠିକ୍ ଭାବେ ଡ୍ରେନେଜ ବିଭାଗ କରି ନ ଥିବା ସେବାୟତମାନେ ଅଭିଯୋଗ କରିଥିଲେ। ପୋଖରୀରୁ ତୁରନ୍ତ ଚିଙ୍ଗୁଡିଆ ଦଳ ଓ ଶୈବାଳ ନିପାତ କରିବାକୁ ବିଶେଷଜ୍ଞମାନଙ୍କ ସହାୟତା ନିଆଯାଇ ଏହାର ସ୍ଥାୟୀ ସମାଧାନ କରାଯିବ ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ପ୍ରତିଶ୍ରୁତି ଦେଇଥିଲେ। ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହ ଆରଡ଼ି ସରପଞ୍ଚ ଅରବିନ୍ଦ ପାତ୍ରୀ, ନାନ୍ଦପୁର ପୂର୍ବତନ ସରପଞ୍ଚ ସରୋଜ ଦାସ, ଡିପିଏମ୍ ସଞ୍ଜୟ ବାରିକ ଓ ବିପିଏମ୍ ଷ୍ଟାଲିନ ନାୟକ ପୀଠରେ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ, ଶିବଗଙ୍ଗା ପୁଷ୍କରିଣୀକୁ ବର୍ଷାଜଳ ଭରସା ଶୀର୍ଷକ ଖବର ଦୁଇଦିନ ତଳେ ଧରିତ୍ରୀରେ ପ୍ରକାଶ ପାଇଥିଲା।

# କମଳାକାନ୍ତଙ୍କ ବିଜ୍ଞାନ ନାଟକକୁ ଜାତୀୟ ପୁରସ୍କାର



କମଳାକାନ୍ତ ଜେନା

**ଭଦ୍ରକ ଅଫିସ, ୨୯।୯:** ପ୍ରସାର ଭାରତୀ ନୂଆଦିଲ୍ଲୀ ସ୍ଥିତ ଆକାଶବାଣୀ ମହାନିର୍ଦ୍ଦେଶାଳୟ ପକ୍ଷରୁ ଆକାଶବାଣୀ ବାର୍ଷିକ ପୁରସ୍କାର-୨୦୧୮ ଘୋଷଣା କରାଯାଇଛି। ଏଥିରେ ସର୍ବଭାରତୀୟ ସ୍ତରରେ ବିଭିନ୍ନ ବିଭାଗ ପାଇଁ ୧୮ଟି ପୁରସ୍କାର ଦିଆଯାଇଛି। ଓଡ଼ିଶାରୁ ସଙ୍ଗୀତ କାର୍ଯ୍ୟକ୍ରମ ସାଇତି ରଖିବା ଆସ ମେଘର ମୂର୍ଚ୍ଛନା ଓ ମହିଳା କାର୍ଯ୍ୟକ୍ରମ ଶ୍ମଶାନ ତୁଳସୀ ପାଇଁ ଆକାଶବାଣୀ କଟକକୁ ଦୁଇଟି ପୁରସ୍କାର ମିଳିଛି। ସେହିପରି ବିଜ୍ଞାନ ନାଟକ ‘ଅଙ୍କ ବିଙ୍କ ବିଜ୍ଞାନ’ ପାଇଁ ଆକାଶବାଣୀ ଜୟପୁରକୁ ଗୋଟିଏ ପୁରସ୍କାର ମିଳିଛି। ଏହି ନାଟକକୁ ବିଶିଷ୍ଟ ବିଜ୍ଞାନ ଲେଖକ ତଥା ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନର ସହକାରୀ ପ୍ରଫେସର କମଳାକାନ୍ତ ଜେନା ରଚନା କରିଛନ୍ତି। ଆକାଶବାଣୀ ଜୟପୁରର କାର୍ଯ୍ୟକ୍ରମ ପ୍ରମୁଖ ଯୁଗଳ କିଶୋର ପଣ୍ଡା ଏହାର ବେତାର ନାଟ୍ୟ ରୂପାନ୍ତର ଓ ପ୍ରଯୋଜନା କରିଥିଲେ। ସହଯୋଗିତା କରିଥିଲେ ବରିଷ୍ଠ ଉଦ୍‌ଘୋଷକ ମନୋଜ ସାମନ୍ତରାୟ। ଅଦ୍ୟାବଧି ବିଭିନ୍ନ ପତ୍ରପତ୍ରିକାରେ ଜେନାଙ୍କର ୧୨୦୦ରୁ ଊର୍ଦ୍ଧ୍ୱ ବିଜ୍ଞାନ ପାଠ ଓ ୨୫ ଖଣ୍ଡ ପୁସ୍ତକ ପ୍ରକାଶିତ ହୋଇଛି। ‘ଅଙ୍କ ବିଙ୍କ ବିଜ୍ଞାନ’ ତାଙ୍କର ପ୍ରଥମ ନାଟକ, ଯାହା ସର୍ବଭାରତୀୟ ସ୍ତରରେ ପ୍ରଥମ ହୋଇପାରିଛି। ଏହି ନାଟକ ମାଧ୍ୟମରେ ସମାଜକୁ ଶବ୍ଦ ପ୍ରଦୂଷଣ ଓ ଅନ୍ଧବିଶ୍ୱାସ ସମ୍ପର୍କିତ କେତେକ ସଚେତନତା ବାର୍ତ୍ତା ଦିଆଯାଇଛି। ରାଜ୍ୟସ୍ତରୀୟ ବେତାର ନାଟକ ମହୋତ୍ସବରେ ୨୦୧୮ ଅକ୍ଟୋବର ୩୦ରେ ଏହା ପ୍ରସାରିତ ହୋଇଥିଲା।

## ସଂକ୍ଷେପରେ

### ଶିକ୍ଷକଙ୍କୁ ଆକ୍ରମଣ ଘଟଣା
## କାର୍ଯ୍ୟାନୁଷ୍ଠାନ ନ ହେଲେ ହେବ ଆନ୍ଦୋଳନ

ବାରିପଦା ଅଫିସ,୨୯।୯- ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁକୁ ନେଇ ଲୋକେ ଶିକ୍ଷକମାନଙ୍କୁ ଆକ୍ରମଣ କରିବା ଘଟଣାକୁ ମୟୂରଭଞ୍ଜ ଜିଲା ଅନୁସୂଚିତ ଜାତି ଓ ଜନଜାତି ବିଭାଗୀୟ ବିଦ୍ୟାଳୟର ଶିକ୍ଷକ ସଂଘ ବିରୋଧ କରିଛି। ୭ ଦିନ ମଧରେ ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ନ ହେଲେ ଜିଲାର ଅନୁସୂଚିତ ଜାତି ଓ ଜନଜାତି ବିଭାଗୀୟ ସମସ୍ତ ବିଦ୍ୟାଳୟରେ ଶିକ୍ଷାଦାନ ବନ୍ଦ ରହିବ ବୋଲି ସଂଘ ଚେତାବନୀ ଦେଇଛି। ଉଲ୍ଲେଖଯୋଗ୍ୟ ଯେ, ମୟୂରଭଞ୍ଜ ଜିଲା କରଞ୍ଜିଆ ଉପଖଣ୍ଡ ଅଧୀନ ହାତୀବାରି ସରକାରୀ ଉଚ୍ଚ ବିଦ୍ୟାଳୟରେ ଗତ ୨୭ ତାରିଖରେ ଜଣେ ନବମ ଶ୍ରେଣୀ ଛାତ୍ରୀ ଅସୁସ୍ଥ ହୋଇ ପଡ଼ିଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦାୟୀ କରି ସ୍ଥାନୀୟ ଲୋକେ ଶିକ୍ଷକମାନଙ୍କ ଉପରେ ଆକ୍ରମଣ କରିଥିଲେ। କିଛି ଶିକ୍ଷକ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

## ଦେଢଶୁର ଆକ୍ରମଣରେ ଭାଇବୋହୂ ଗୁରୁତର

ବଡ଼ସାହି,୨୯।୯(ସ୍ୱ.ପ୍ର)
ବଡ଼ସାହି ଥାନା ଅଧୀନ ତାଳପଦା ଗ୍ରାମରେ ଦୁଇ ଭାଇଙ୍କ ପରିବାର ମଧରେ ଗଣ୍ଡଗୋଳ ଘଟି ଉତ୍ତ୍ୟକ୍ତ ଦେଢଶୁରଙ୍କ ଆକ୍ରମଣରେ ଭାଇବୋହୂ ଗୁରୁତର ଆହତ ହୋଇଛନ୍ତି। ଏଥିନେଇ ପୋଲିସ ପୃଥକ ମାମଲା ରୁଜୁ କରି ୨ ଭାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଅଜିତ ନାଥ ଓ ସଞ୍ଜିତ ନାଥ। ପୋଲିସ ସୂଚନା ଅନୁଯାୟୀ, ଲୁଗା ଶୁଖାଇବାକୁ କେନ୍ଦ୍ର କରି ଉଭୟ ପରିବାର ମଧରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ବଡଭାଇ ଅଜିତ ଉତ୍ତ୍ୟକ୍ତ ହୋଇ ଏକ ଶାବଳରେ ସାନଭାଇର ସ୍ତ୍ରୀ ପଙ୍କଜିନୀଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବଡ଼ସାହି ଓ ପରେ ବାରିପଦା ପିଆରଏମ୍ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ସଞ୍ଜିତଙ୍କ ପୁଅ ଅମ୍ଳାନଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୧୩୨/୧୯) ରୁଜୁ କରି ଅଜିତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେହିପରି ଅଜିତଙ୍କ ଝିଅ ସୁଚିତ୍ରାଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ଅନ୍ୟ ଏକ ମାମଲା(ନଂ.୧୩୩/୧୯)ରେ ସଞ୍ଜିତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଆମ ପୋଲିସ ସମିତିର ବୈଠକ

ଠାକୁରମୁଣ୍ଡା ,୨୯।୯ (ଡି.ଏନ୍.ଏ.)
ଠାକୁରମୁଣ୍ଡା ଥାନା ପୋଲିସ ପକ୍ଷରୁ ରବିବାର ଥାନା ପରିସରରେ ଆମ ପୋଲିସ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ନିରୋଜ କୁମାର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ମା’ ବାସୁଳି ମହାବିଦ୍ୟାଳୟର ଅଧକ୍ଷ ଅକ୍ଷୟ କୁମାର ପଲେଇ ଯୋଗଦେଇ ପୋଲିସ ଓ ଜନସାଧାରଣଙ୍କ ମଧରେ ଉତ୍ତମ ସମ୍ପର୍କ ରହିଲେ ଆମ ପୋଲିସ ସମିତିର ଲକ୍ଷ୍ୟ ସାଧନ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ଥାନା ଅଧିକାରୀ ଆମ ପୋଲିସ ସମିତି ଗଠନର ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ ସଦସ୍ୟମାନଙ୍କୁ ଅବଗତ କରାଇଥିଲେ। ବୈଠକରେ ସ୍ଥାନୀୟ ଲୋକଙ୍କ ସହିତ ବିଭିନ୍ନ ବିଭାଗର କର୍ମକର୍ତ୍ତା, ଗଣମାଧମର ପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଓ ପୋଲିସ କର୍ମଚାରୀମାନ ଉପସ୍ଥିତ ଥିଲେ ।

## ୧୦୭ ୟୁନିଟ୍ ରକ୍ତ ସଂଗ୍ରହ

ବେତନଟୀ,୨୯।୯(ଡି.ଏନ୍.ଏ.)-ଭାରତୀୟ ବିଚାର ପ୍ରଚାର ପ୍ରସାର ସୁରକ୍ଷା ସଂସ୍ଥାନ ଆନୁକୂଲ୍ୟରେ ରବିବାର ବେତନଟୀ ଧର୍ମଶାଳାଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ରେଡ୍‌କ୍ରସ୍ ସମିତି ସହାୟତାରେ ୧୦୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବଡସାହି ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତର ଯୁବକମାନେ ଉପସ୍ଥିତ ରହି ରକ୍ତଦାନ କରିଥିଲେ। ସଂଗଠନର ମହେଶ ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଶିବିର ପରିଚାଳିତ ହୋଇଥିଲା। ଏଥିରେ ବଡସାହି ବିଧାୟକ ସନାତନ ବିଜୁଳି, ବାରିପଦା ବିଧାୟକ ପ୍ରକାଶ ସୋରେନ୍, ଭାଜପା ଜିଲା ସଭାପତି ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଉପସଭାପତି ପରେଶ ମହାନ୍ତି, ପୂର୍ବତନ ମନ୍ତ୍ରୀ ଗୋଲକ ନାଏକ, ବେତନଟୀ ବ୍ଲକ ଅଧକ୍ଷ କାଳିଚରଣ ସୋରେନ୍, ଉପାଧକ୍ଷ ଅମ୍ବିକା ବାରିକ୍, ବାଲେଶ୍ୱର ଜିଲା ଧର୍ମ ଜାଗରଣ ସଂଯୋଜକ ଶ୍ରୀନିବାସ ପ୍ରଧାନ ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ।

### ୭୫ବର୍ଷ ପୂର୍ତ୍ତି ପାଳନ କରିବ ତାଳପଦା ସାର୍ବଜନୀନ ଦୁର୍ଗାପୂଜା କମିଟି
# ସଂସ୍କୃତି, ପରମ୍ପରା ଓ ନୂତନତ୍ୱକୁ ଗୁରୁତ୍ୱ

**ସାଂସ୍କୃତିକ କାର୍ଯ୍ୟକ୍ରମ, ସଚେତନତା ବାର୍ତ୍ତା ଓ ପୁରାଣ ବର୍ଣ୍ଣିତ କୁଞ୍ଜ ମୁଖ୍ୟ ଆକର୍ଷଣ ସାଜିବ**

ବଡ଼ସାହି,୨୯।୯(ସ୍ୱ.ପ୍ର)

ଶାରଦୀୟ ଦୁର୍ଗା ପୂଜା ପାଇଁ ବଡ଼ସାହି ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ପୂଜା ମଣ୍ଡପ ସାଙ୍ଗକୁ ସୁଦୃଶ୍ୟ ତୋରଣ ଓ ଆଲୋକ ସାଜସଜ୍ଜା ପରିବେଶକୁ ଉତ୍ସବ ମୁଖର କରୁଛି । ମୃଣ୍ମୟୀ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେବା ପାଇଁ ଶିଳ୍ପୀମାନେ ବ୍ୟସ୍ତ। ବ୍ୟୟ ବହୁଳ ତୋରଣ ସାଙ୍ଗକୁ ଆଲୋକ ସଜ୍ଜା ପାଇଁ କମିଟି ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଚଳିତ ବର୍ଷ ୭୫ବର୍ଷ ପୂର୍ତ୍ତି ପାଳନ ଅବସରରେ ପ୍ଲାଟିନମ୍ ଜୁବୁଲି ପାଳନ କରୁଛି ବଡ଼ସାହି ବ୍ଲକ ଅଧୀନ ତାଳପଦା ସାର୍ବଜନୀନ ଦୁର୍ଗାପୂଜା କମିଟି। ପୂଜା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସଚେତନତା ବାର୍ତ୍ତା ଓ ପୁରାଣ ବର୍ଣ୍ଣିତ କୁଞ୍ଜ ମୁଖ୍ୟ ଆକର୍ଷଣ ସାଜିବ । ସଂସ୍କୃତି, ପରମ୍ପରା ଓ ନୂତନତ୍ୱକୁ ଗୁରୁତ୍ୱ ଦେଇ କମିଟି ପକ୍ଷରୁ ଜୋରଦାର ଆୟୋଜନ ଚାଲିଛି।

୧୯୪୪ରେ ତାଳପଦା, ସାମକୁଳା, ମାରକୁଣ୍ଡି, କେନ୍ଦୁଡିହା ଓ ପାଟପୁର ଅଞ୍ଚଳବାସୀଙ୍କୁ ନେଇ ତାଳପଦାଠାରେ ଆରମ୍ଭ ହୋଇଥିଲା ଦୁର୍ଗାପୂଜା। ସ୍ୱର୍ଗତ ରାଧାମୋହନ ପାତ୍ର ଓ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଘଟ ସ୍ଥାପନା ପୂର୍ବକ ୭୫ଟଙ୍କା ବ୍ୟୟ ଅଟକଳରେ ପୂଜା ଅନୁଷ୍ଠିତ ହୋଇଥିଲା।


ନିର୍ମାଣ ଚାଲିଥିବା ମା’ଙ୍କ ମୃଣ୍ମୟୀ ମୂର୍ତ୍ତି ।

୭୫ଟଙ୍କାରୁ ଆରମ୍ଭ ହୋଇ ୭୫ବର୍ଷରେ ପଦର୍ପଣ କରିଥିବା ଏହି ପୂଜାକୁ ତାଳପଦା ଅଞ୍ଚଳବାସୀ ମହାଆଡମ୍ବରରେ ପାଳନ କରିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଆକର୍ଷଣୀୟ ମନ୍ଦିର ସଦୃଶ ତୋରଣ ଓ ଆଲୋକ ସାଜସଜ୍ଜା ପାଇଁ କମିଟି ପକ୍ଷରୁ ୫ଲକ୍ଷ ୫୦ହଜାର ଟଙ୍କାର ବ୍ୟୟବରାଦ ରହିଛି। ଏକ ଲକ୍ଷ ଟଙ୍କା ଅଟକଳରେ ୧୬ଫୁଟ ଉଚ୍ଚତା ବିଶିଷ୍ଟ ମା’ଙ୍କ ମୃଣ୍ମୟୀ ମୂର୍ତ୍ତି ତିଆରି ଚାଲିଥିବା ବେଳେ ମୁଖ୍ୟକାରିଗର ସନ୍ତୋଷ ସେନାପତିଙ୍କ ସହିତ ୪ଜଣ ନିଖୁଣ ଭାବେ କାର୍ଯ୍ୟ କରୁଛନ୍ତି । ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କ ସାରଥି ସାଜିଥିବା ଭଗବାନ ଶ୍ରୀକୃଷ୍ଣଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ମଣ୍ଡପକୁ ଆକର୍ଷଣୀୟ କରିଛି। ଷଷ୍ଠୀରେ ବିଲ୍ୱାଧିବାସ, ସପ୍ତମୀ ଦିନ ଘଟଆନୟନ, ଅଷ୍ଟମୀରେ ସନ୍ଧିପୂଜା, ନବମୀରେ ନବମୀ ପୂଜା ଓ ଦଶମୀରେ ବିଜୟା ଦଶମୀ ପୂଜା ସହିତ ଅନ୍ନଛତ୍ର କାର୍ଯ୍ୟକ୍ରମ ରହିଛି । ୮ଦିନ ଧରି ଚାଲିବାକୁ ଥିବା କାର୍ଯ୍ୟକ୍ରମରେ ପ୍ରବଚନ, ମେଲୋଡି, ରାବଣ ପୋଡି, ଅନ୍ନଛତ୍ର, ଅପେରା ପରିବେଷଣ କରାଯିବ ବୋଲି କମିଟି ପକ୍ଷରୁ ଜଣାଯାଇଛି । ସଡକ ସୁରକ୍ଷା ସଚେତନତା, ପ୍ଲାଷ୍ଟିକ ବର୍ଜନ ପାଇଁ ସଚେତନତା, ଜଳ ଓ ଶକ୍ତି ସଂରକ୍ଷଣର ସଚେତନତା ବାର୍ତ୍ତ ପ୍ରଦାନ କରାଯିବାର କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ପୂଜା କମିଟିର ସଭାପତି ପ୍ରହ୍ଲାଦ ପାତ୍ର କୁହନ୍ତି, ଚଳିତବର୍ଷ ନିଆରା ସାଜସଜ୍ଜାରେ ପୂଜା ପାଳନ କରାଯିବ । ଆଖପାଖ ୧୦/୧୫ଖଣ୍ଡ ଗାଁରୁ ଶ୍ରଦ୍ଧାଳୁମାନେ ଆସି ପୂଜାର୍ଚ୍ଚନା କରିବେ । ସେଥି ନିମନ୍ତେ ଶାନ୍ତିଶୃଙ୍ଖଳାର ସହିତ କାର୍ଯ୍ୟକ୍ରମ ସମାପନ କରାଯିବ । ଜୁବଲି ପାଇଁ ହୋଇଥିବା ତୋରଣ, ମୂର୍ତ୍ତି ସାଜସଜ୍ଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିପୁଳ ଜନସମାଗମ ହେବ ବୋଲି ଅନୁମାନ କରାଯାଇଛି। ସେଥିପାଇଁ କମିଟି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଶ୍ରଦ୍ଧାଳୁ ଲକ୍ଷ୍ମୀଧର ନାଥ ଓ ପଦ୍ମଲୋଚନ ବେହେରା କୁହନ୍ତି, ମହାଳୟା ଠାରୁ ନବରାତ୍ରି ପର୍ଯ୍ୟନ୍ତ ମା’ଙ୍କୁ ଆରାଧନା କରୁଛୁ । ମନୁଷ୍ୟଠାରେ ଥିବା ପାପ, ଅହଂକାର, ହିଂସା ରୂପକ ମହିଷାସୁରର ଗୁଣକୁ ପରିତ୍ୟାଗ କରି ଅହିଂସା, ଅହଂମୁକ୍ତ, କୁପ୍ରବୃତ୍ତିରୁ ମୁକ୍ତ ଓ ପାପରୁ ମୁକ୍ତି ଦେବାକୁ ଶକ୍ତିଧାରୀ ମା’ଦୁର୍ଗାଙ୍କ ନିକଟରେ ପ୍ରାର୍ଥନା କରୁଛୁ । ଜଗତର କଲ୍ୟାଣ ସାଙ୍ଗକୁ ଜୀବଜଗତର ଜୀବନ ମଙ୍ଗଳମୟ ହେବା ପାଇଁ ଆଶିର୍ବାଦ କାମନା କରୁଛୁ ।


ନବରାତ୍ର ପୂଜା ଅବସରରେ ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ମା’ ଅମ୍ବିକାଙ୍କ ଶୈଳପୁତ୍ରୀ ବେଶ ।



ବାରିପଦାଠାରେ ଅନୁଷ୍ଠିତ ଚୁକ୍ତିଭିତ୍ତିକ ଶିକ୍ଷକସଂଘର ବୈଠକରେ ଉପସ୍ଥିତ କର୍ମକର୍ତ୍ତା ବୃନ୍ଦ।

## ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ବୈଠକ

ବାରିପଦା ଅଫିସ,୨୯।୯

ବାରିପଦା ଏମକେସି ହାଇସ୍କୁଲର ସମ୍ମିଳନୀ କକ୍ଷରେ ଜିଲା ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ଏକ ବୈଠକ ସଂଘର ସଭାପତି ଦୀପ୍ତିରଞ୍ଜନ ମହାକୁଡଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଯାଇଛି। ସଂଘର ଆବାହକ ଦେବାଶିଷ ସାଉଙ୍କ ସଭାପତିତ୍ୱରେ ଓଡ଼ିଶା ରାଜ୍ୟ ସଂଘର ସଭାପତି ଶୁଭ୍ରଜିତ ପ୍ରତିହାରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଉପସଭାପତି ସୌମ୍ୟରଞ୍ଜନ ମଲିକ ଯୋଗ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ଜିଲା ସଂଘ ସମ୍ପାଦକ ବିଶ୍ୱଜିତ ବିଶ୍ୱାଳ, ଉପସଭାପତି ଉତ୍ପଳ କୁମାର ଭଦ୍ର, କୋଷାଧକ୍ଷ ରାଜୋ ଶୁଭଙ୍କର, ଜିଲା ସଂସ୍କୃତ ଶିକ୍ଷକ ସଂଘର ଯୁଗ୍ମ ସମ୍ପାଦକ ସନତ କୁମାର ପ୍ରହରାଜ, ସଂଘର ଉପଦେଷ୍ଟା ସ୍ମୃତି ରଞ୍ଜନ ପାଣି, ଅଜିତ କୁମାର ମହାନ୍ତି, ଶାରୀରିକ ଶିକ୍ଷା ଶିକ୍ଷକ ସଂଘର ଯୁଗ୍ମ ସମ୍ପାଦକ ଦୀପକ ରାମ ପ୍ରମୁଖ ଯୋଗଦେଇ ଚୁକ୍ତି ଭିତ୍ତିକ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ଶିକ୍ଷକ ପ୍ରବୀଣ ଚାନ୍ଦ, ସୋନାଲି ପରିଡା, ପ୍ରଭାତ ପଣ୍ଡିତ, ଅସିତ କୁଣ୍ଡୁ, ଭାଗ୍ୟଶ୍ରୀ ହୋତା, ପ୍ରିୟବ୍ରତ ବେହେରା, ସିରିସ୍ୱପ୍ନା ପଟ୍ଟନାୟକ, ମାନସ ବାରିକ, ପୂଜା ପୃଷ୍ଟି, ପ୍ରସନ୍ନ ଗଡିଆ, ସୂର୍ଯ୍ୟପ୍ରକାଶ ନାଏକ, ପ୍ରାର୍ଥନା ମିଶ୍ର ପ୍ରମୁଖଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ।

## ଥମୁନି ହାତୀ ଉପଦ୍ରବ: ଏକାଠି ହେଲେ ୫ ପଞ୍ଚାୟତବାସୀ

ରାସଗୋବିନ୍ଦପୁର, ୨୯।୯ (ଡି.ଏନ.ଏ)–

ରାସଗୋବିନ୍ଦପୁର ବ୍ଲକରେ ଶିମିଳିପାଳ ହାତୀପଲ ୬ ମାସ ହେଲା ଉପଦ୍ରବ ଚଳାଇଛନ୍ତି। ରବିବାର ଆମ୍ବଡିହାଠାରେ ୫ଟି ପଞ୍ଚାୟତର ଲୋକେ ଏକତ୍ରିତ ହୋଇ ହାତୀ ସମସ୍ୟାର ସମାଧାନ ପାଇଁ ଏକ ବୈଠକ ଆହ୍ୱାନ କରିଥିଲେ। ଜିଲାପାଳଙ୍କୁ ଅଞ୍ଚଳବାସୀ ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ କରି ଏହାର ତୁରନ୍ତ ସମାଧାନ ପାଇଁ ଗୁହାରୀ ଜଣାଇଛନ୍ତି। ଅନ୍ୟଥା ଅଞ୍ଚଳବାସୀ ତଥା ହାତୀ କ୍ଷତିଗ୍ରସ୍ତ ପରିବାର ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ସୂଚନା ଦେଇଛନ୍ତି। ଶିମିଳିପାଳରୁ ଆସିଥିବା ୧୩ଟି ହାତୀ ଏହି ବ୍ଲକର ସାରୁମଲା, ନାକିଚୁଆ, କମାରଡିହା, ଅମରଦା, ନଳଗଜା, ଗଡିଘାଟି ପ୍ରଭୃତି ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି କରିସାରିଲେଣି। ବିଗତ ୬ମାସ ମଧ୍ୟରେ ୭୦ରୁ ଉର୍ଦ୍ଧ୍ୱଘର ଭାଙ୍ଗି ସାରିଥିବା ବେଳେ ହାତୀ ଆକ୍ରମଣରେ ୩ଜଣଙ୍କ ମୃତ୍ୟୁ ଘଟିଲାଣି। ବହୁ ଚାଷୀଙ୍କ ଫସଲ ମଧ ଉଜୁଡି ଯାଇଛି। ହାତୀପଲ ଘଉଡାଇବା ଲାଗି ବାରମ୍ବାର ଦାବି କରାଯାଉଥିଲେ ହେଁ ବନବିଭାଗ ଏଥିରେ ସଫଳ ହୋଇ ପାରୁନି। ହାତୀ ଯୋଗୁଁ ଆତଙ୍କିତ ଓ ଅତିଷ୍ଠ ହୋଇପଡିଥିବା ରାସଗୋବିନ୍ଦପୁର ଅଞ୍ଚଳର ବାସିନ୍ଦା ବିଭିନ୍ନ ସମୟରେ ବୈଠକ କରି ହାତୀ ସମସ୍ୟାର ସମାଧାନ ପାଇଁ ବନବିଭାଗ ଅଧିକାରୀଙ୍କଠାରେ ଦାବି କରିଆସୁଛନ୍ତି। ବନବିଭାଗ ପକ୍ଷରୁ ସେମାନଙ୍କୁ ବାରମ୍ବାର ପ୍ରତିଶ୍ରୁତି ମଧ ଦିଆଯାଉଛି। ମାତ୍ର ଅଦ୍ୟାବଧି ହାତୀ ସମସ୍ୟାର ସମାଧାନ ହୋଇପାରୁନି। ପ୍ରତ୍ୟେକଦିନ ସଞ୍ଜ ନଇଁଗଲେ ହାତୀ ରହୁଥିବା ଜଙ୍ଗଲ ନିକଟବର୍ତ୍ତୀ ଗାଁ ମାନଙ୍କରେ ଲୋକେ ପିଲାଛୁଆଙ୍କୁ ଧରି ଉଜାଗର ରହୁଛନ୍ତି।

### ୨ ନାବାଳିକା ଅପହରଣ ଘଟଣା
## ଆନ୍ଦୋଳନକୁ ଓହ୍ଲାଇଲେ ହାଟବାଦଡ଼ାବାସୀ

ରାଇରଙ୍ଗପୁର,୨୯।୯(ଡି.ଏନ.ଏ.)–
ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ହାଟବାଦଡ଼ା ଅଞ୍ଚଳର ୨ ନାବାଳିକା ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଅପହରଣକାରୀଙ୍କୁ ଗିରଫ କରିବା ଓ ଛାତ୍ରୀ ଦ୍ୱୟଙ୍କୁ ଉଦ୍ଧାର କରିବାରେ ଅବହେଳା ପ୍ରଦର୍ଶନ କରୁଥିବା ପ୍ରତିବାଦରେ ରବିବାର ଅଞ୍ଚଳବାସୀଙ୍କ ପକ୍ଷରୁ ବନ୍ଦ ପାଳନ କରାଯାଇ ଥିଲା। ଆନ୍ଦୋଳନକାରୀଙ୍କ ପକ୍ଷରୁ ସକାଳ ପ୍ରାୟ ୬ଟାରୁ ଅପରାହ୍ନ ପ୍ରାୟ ୪ଟା ପର୍ଯ୍ୟନ୍ତ ଦୀର୍ଘ ୧୨ ଘଣ୍ଟା କାଳ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରାଯାଇଥିଲା। ଭାଜପା ଯୁବନେତା ପ୍ରଦୀପ ସାହୁଙ୍କ ସମେତ ଲାଲ ମାଝୀ, ଚୈତନ୍ୟ କୁମାର ବାରିକ, ମହନ ଗିରିଙ୍କ ନେତୃତ୍ୱରେ ବହୁ ଗ୍ରାମବାସୀ ବନ୍ଦ ପାଳନରେ ସାମିଲ ହୋଇଥିଲେ। ଖବରପାଇ ରାଇରଙ୍ଗପୁର ଏସ୍‌ଡିପିଓ ଅମୂଲ୍ୟ କୁମାର ଧର, ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ, ହାଟବାଦଡ଼ା ଫାଣ୍ଡି ଅଧିକାରୀ ବରୁଣ ଗିରି ପ୍ରମୁଖ ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀମାନଙ୍କୁ ବୁଝାସୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ସରକାରୀ ତାଲିମ ପାଇଁ ବସ୍ତ୍ରାଳୟରୁ ସିସିଟିଭି ଭଡ଼ା ଆଣିବା ନେଇ ଚର୍ଚ୍ଚା

ବଡ଼ସାହି,୨୯।୯(ସ୍ୱ.ପ୍ର)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକରେ ଉଜ୍ଜ୍ୱଳ ଓ ଉତ୍‌ଥାନ ତାଲିମକେନ୍ଦ୍ରରେ ସିସିଟିଭି ବ୍ୟବସ୍ଥାରେ ବ୍ୟାପକ ଅନିୟମିତତା ହୋଇଥିବା ଜଣାପଡିଛି। ଏକ ବସ୍ତ୍ରାଳୟରୁ ସିସିଟିଭି ଭଡ଼ାରେ ଆଣି ତାଲିମ କେନ୍ଦ୍ରରେ ଲଗାଇ ବିଲ୍ ପୈଠ କରାଯାଇଥିବା ଘଟଣାକୁ ନେଇ ବିଇଓ କାର୍ଯ୍ୟାଳୟର ଅଧିକାରୀମାନେ ଚର୍ଚ୍ଚାକୁ ଆସିଛନ୍ତି। ବିଲ୍‌ରେ ଦର୍ଶାଇଥିବା ଜିଏସ୍‌ଟି ୧୮ ପ୍ରତିଶତ ପରିବର୍ତ୍ତେ ୧୨ପ୍ରତିଶତ ପ୍ରଦାନ କରାଯାଇଥିବା ଅନିୟମିତତା ସମ୍ପର୍କରେ ତଥ୍ୟ ସାମନାକୁ ଆସିଛି । ନକଲି ଭାଉଚର ପ୍ରସ୍ତୁତ କରି ବିଲ୍ ପ୍ରଦାନ କରାଯାଇଥିବା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହେଉଛି। ସୂଚନା ଅନୁଯାୟୀ, ସର୍ବଶିକ୍ଷା ଅଭିଯାନ ଆନୁକୁଲ୍ୟରେ ଗତ ଫେବୃଆରୀ ମାସ ୨ରୁ ୨୮ତାରିଖ ମଧରେ ବିଇଓଙ୍କ କାର୍ଯ୍ୟାଳୟ ଅଧୀନରେ ମୋଟ ଉଜ୍ଜ୍ୱଳରେ ୧୦ଟି ଓ ଉତଥାନରେ ୪ଟି ୪ ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧୀନ କୋଚିଲାଖୁଣ୍ଟା, ମାଣତ୍ରୀ, ବଡସାହି ଓ ସାନକେରକୋ କେନ୍ଦ୍ରମାନଙ୍କରେ ଏହି ତାଲିମ ପ୍ରଦାନ କରାଯାଇଥିଲା। ଉକ୍ତ ତାଲିମ ସମ୍ପର୍କିତ ସମସ୍ତ ଘଟଣାରେ ସ୍ୱଚ୍ଛତା ଆଣିବା ପାଇଁ ସିସିଟିଭି ବ୍ୟବସ୍ଥା କରିବା ସକାଶେ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଥିଲା । ଏହାକୁ ନେଇ ବିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ଭଡ଼ା ସୂତ୍ରରେ ସିସିଟିଭି କ୍ୟାମେରା ଲଗାଯାଇଥିଲା। ଭଡ଼ା ସୂତ୍ରରେ ଆସିଥିବା ସିସିଟିଭି ତଥା ଅନ୍ୟାନ୍ୟ ସାମଗ୍ରୀ ବିଲ୍ ପ୍ରଦାନରେ ବ୍ୟାପକ ଅନିୟମିତତା ହୋଇଥିବା ଜାଣିବାକୁ ମିଳିଛି । ବଡ଼ସାହି ବଜାରରେ ଥିବା ଏକ ବସ୍ତ୍ରାଳୟରୁ ଏହି ସବୁ ସମାଗ୍ରୀ ଭଡ଼ାରେ ଅଣାଯାଇ ଶିବିର ପ୍ରତି ୭ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିବା ବିଲ୍‌ରୁ ଜାଣିବାକୁ ମିଳିଛି । ତେବେ ବସ୍ତ୍ରାଳୟ ଭଳି ଏକ ବ୍ୟବସାୟ ପ୍ରତିଷ୍ଠାନରୁ ଯାନ୍ତ୍ରିକ ସାମଗ୍ରୀ ଭଡାରେ ଆଣି ଜିଏସ୍‌ଟି ବିଲ୍ ପୈଠ କରିବାରେ ସନ୍ଦେହ ଉପୁଜିଛି । ଏପରିକି ବିଲ୍‌ରେ ୧୮ପ୍ରତିଶତ ବଦଳରେ ୧୨ପ୍ରତିଶତ ଜିଏସ୍‌ଟି ପ୍ରଦାନ ହୋଇଥିବା ମଧ ଜଣାଯାଇଛି । ସନ୍ଦେହ ଘେରକୁ ଆସିଥିବା ବିଲ୍‌ର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ କଂଗ୍ରେସ ଜୋନ ସଭାପତି ଶଶାଙ୍କ ଶେଖର କର ଦାବି କରିଛନ୍ତି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ବିଆରସିସି ବାବାଜୀ ଚରଣ ବେହେରାଙ୍କୁ ପଚାରିବାରୁ କାର୍ଯ୍ୟାଳୟରେ ସିସି ଟିଭି ନ ଥିଲା। ଭଡ଼ାରେ ସିସି ଟିଭି ଆଣି ତାଲିମକେନ୍ଦ୍ରରେ ଲଗାଯାଇଥିଲା। ବିଲ୍ ପ୍ରଦାନ କରିଥିବା ସଂସ୍ଥା ବସ୍ତ୍ରାଳୟ ହୋଇଥିଲେ ମଧ ଆମେ ନିରୁପାୟ ହୋଇ ସମ୍ପୃକ୍ତ ସଂସ୍ଥାକୁ କହିଥିଲୁ। ଜିଏସଟି ଦେଖି ଆମେ ବିଲ୍ ପ୍ରଦାନ କରିଛୁ। ବିଲ୍‌ରେ ତ୍ରୁଟିଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ବୋଲି କହିଛନ୍ତି।

### ନାବାଳିକାଙ୍କୁ ଗଣବଳାତ୍କାର ଘଟଣା
## ୩ ବର୍ଷ ପରେ ୨ ଅଭିଯୁକ୍ତ ଗିରଫ

ଉଦଳା,୨୯।୯
(ଡି.ଏନ୍.ଏ.)


ଗିରଫ ହୋଇଥିବା ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଉଛି।

ବିବାହର ପ୍ରଲୋଭନ ଦେଖାଇ ଜଣେ ନାବାଳିକାଙ୍କୁ ପ୍ରେମିକ ନିଜର ଦୁଇ ସହଯୋଗୀଙ୍କ ସହିତ ମିଶି ୧୨ ଦିନ ଧରି ରାଜ୍ୟ ବାହାରେ ଗଣବଳାତ୍କାର କରିବା ଅଭିଯୋଗ ହୋଇଥିଲା। ଘଟଣାର ୩ ବର୍ଷ ପରେ ଶନିବାର ୨ ଅଭିଯୁକ୍ତଙ୍କୁ ଉଦଳା ପୋଲିସ୍ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଉଦଳା ଥାନା ନରସିଂହପୁର ଗ୍ରାମର ବାପୁନ ଓରଫ୍ ରଞ୍ଜିତ ସିଂ (୩୬) ଏବଂ କାଦାଳା ଓରଫ୍ ଈଶ୍ୱର ଜେନା(୩୭)। ଡାକ୍ତରୀ ମାଇନା ପରେ ଉଭୟଙ୍କୁ ରବିବାର ବାରିପଦା କୋର୍ଟଚାଲାଣ କରାଯାଇଛି । ମୁଖ୍ୟ ଅଭିଯୁକ୍ତ ପ୍ରେମିକ ଚିତ୍ତରଞ୍ଜନ ସିଂ ଏବେ ବି ଫେରାର ଥିବା ପୋଲିସ କହିଛି।

ପୋଲିସ ସୂଚନା ଅନୁଯାୟୀ, ୨୦୧୬ରେ ଉଦଳା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ପ୍ରେମିକ ଚିତ୍ତରଞ୍ଜନ ବିବାହର ପ୍ରତିଶ୍ରୁତି ଦେଇ ଆନ୍ଧ୍ରପ୍ରଦେଶର ବିଜୟୱାଡାକୁ ନେଇ ଯାଇଥିଲେ। ସେଠାରେ ସେ ନାବାଳିକାଙ୍କୁ ଏକ ଭଡ଼ାଘରେ ରଖି ଦୁଇ ସହଯୋଗୀଙ୍କ ସହିତ ମିଶି ୧୨ ଦିନ ଧରି ଗଣବଳାତ୍କାର କରିଥିଲେ । ପରେ ନାବାଳିକାଙ୍କୁ ସାଙ୍ଗରେ ଧରି ଗାଁକୁ ଫେରୁଥିବା ବେଳେ ଉଦଳା ବସଷ୍ଟାଣ୍ଡ ନିକଟରୁ ନାବାଳିକା ଜଣକ ସେଠାରୁ ଲୁଚି ଘରକୁ ପଳାଇଯାଇଥିଲେ। ଏ ନେଇ ୨୦୧୬ ଜୁଲାଇ ୧୨ ତାରିଖରେ ପୀଡିତା ଉଦଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୧୩୨/୧୬) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ୩ ଅଭିଯୁକ୍ତ ସେବେଠାରୁ ଫେରାର ଥିଲେ । ଶନିବାର ରାତିରେ ଉଦଳା ଥାନା ସବଇନ୍ସପେକ୍ଟର ଅମ୍ବିକା ଦାସଙ୍କ ନେତୃତ୍ୱରେ ଏକ ପୋଲିସ୍ ଟିମ୍ ନୀଳଗିରି ଥାନା ନରସିଂହପୁର ଗ୍ରାମରେ ଚଢାଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କୁ ରବିବାର ବାରିପଦା କୋର୍ଟଚାଲାଣ କରାଯାଇଛି। ମୁଖ୍ୟ ଅଭିଯୁକ୍ତ ପ୍ରେମିକ ଚିତ୍ତରଞ୍ଜନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଉପଖଣ୍ଡ ପୋଲିସ୍ ଅଧିକାରୀ ସ୍ୱପ୍ନରଞ୍ଜନ ମହାପାତ୍ର କହିଛନ୍ତି।

## ପିଆଜ ଦର ବୃଦ୍ଧି ନିୟନ୍ତ୍ରଣ ପାଇଁ ଯୋଗାଣ ବିଭାଗର ଚଢ଼ାଉ

ଉଦଳା,୨୯।୯(ଡି.ଏନ୍.ଏ.)

ପିଆଜ ଦର ବୃଦ୍ଧି ନିୟନ୍ତ୍ରଣ ପାଇଁ ରବିବାର ଯୋଗାଣ ବିଭାଗ ପକ୍ଷରୁ ଉଦଳା ସହର ଏବଂ କୃଷକ ବଜାର ଉପରେ ଚଢାଉ କରାଯାଇଛି। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ମିଳିଛି । ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଉଦଳା ସହକାରୀ ଯୋଗାଣ ଅଧିକାରୀ ଦିଲୀପ କୁମାର ପାଣିଗ୍ରାହୀଙ୍କ ସମେତ ଉଦଳା ବ୍ଲକ ଯୋଗାଣ ନିରୀକ୍ଷିକା ଜୟନ୍ତୀ ମାଝିଙ୍କ ନେତୃତ୍ୱରେ ଏକ ଟିମ୍ ବିଭିନ୍ନ ଗୋଦାମ ଏବଂ ଖୁଚୁରା ଦୋକାନ ଉପରେ ଚଢାଉ କରିଥିଲ। ଗୋଦାମରେ


ଯୋଗାଣ ବିଭାଗ ଅଧିକାରୀ ପିଆଜ ଗୋଦାମରେ ଯାଞ୍ଚ କରୁଛନ୍ତି।

ପିଆଜ କୁଇଣ୍ଟାଲ ପ୍ରତି ୪୬ ଶହରୁ ୪୮ଶହ ଟଙ୍କାରେ ପାଇକାରୀ ବିକ୍ରୟ ଥିବା ବେଳେ ଖୁଚୁରା ବ୍ୟବସାୟୀମାନେ ପିଆଜ କିଲୋ ପ୍ରତି ୫୫ ଓ ୬୦ ଟଙ୍କାରେ ବିକ୍ରି କରୁଛନ୍ତି । ଏଥିପାଇଁ ଯୋଗାଣ ବିଭାଗର ଦର ସମୀକ୍ଷା ପରେ ବ୍ୟବସାୟୀ ଓ ଖାଉଟିଙ୍କ ସୁବିଧା ନିମନ୍ତେ ଗୋଦାମରେ ୪୪ଶହରୁ ୪୬ଶହ ଟଙ୍କାରେ କୁଇଣ୍ଟାଲ ପ୍ରତି ପିଆଜ ବିକ୍ରି ହେବ ଏବଂ ଖୁଚୁରାରେ କିଲୋ ପ୍ରତି ଛୋଟ ପିଆଜ ୪୮ ଏବଂ ବଡ ପିଆଜ ୫୦ ଟଙ୍କା ଦରରେ ବିକ୍ରୟ ପାଇଁ ସମସ୍ତ ଗୋଦାମ ମାଲିକ ଏବଂ ଦୋକାନୀମାନଙ୍କୁ ଯୋଗାଣ ବିଭାଗ ନିର୍ଦ୍ଦେଶ ଦେଇଛି। ପିଆଜର ନିର୍ଦ୍ଧାରିତ ମୂଲ୍ୟ ନେଇ ପ୍ରତ୍ୟେକ ଦୋକାନରେ ସୂଚନା ଫଳକ ଲଗାଇବା ବାଧ୍ୟତାମୂଳକ ବୋଲି ସମସ୍ତ ବ୍ୟବସାୟୀମାନଙ୍କୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ପୁଣି ଦବିଲା ଆନନ୍ଦପୁର ବୈତରଣୀ ସେତୁ

## ■ ମରାମତିର ସାଢେ ୩ ମାସ ପରେ ପିଲର ଯୋଡେଇ ସ୍ଥାନ ବିପଦରେ

ଆନନ୍ଦପୁର, ୨୯।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ବୈତରଣୀ ନଦୀ ସେତୁର ଗୋଟିଏ ପିଲର ଯୋଡେଇ ସ୍ଥାନ ପୁନର୍ବାର ଦବିଯିବା ପରିଲକ୍ଷିତ ହୋଇଛି। ପିଲର ଉପରେ ଥିବା ୨ଟି ସ୍ପାନ୍‌ର ଯୋଡ଼େଇ ସ୍ଥାନ ଏବେ ପ୍ରାୟ ୨ ଇଞ୍ଚ ଉପର ତଳ ହୋଇ ରହିଛି। ରବିବାର ସ୍ଥାନୀୟ ଲୋକେ ଏହା ଦେଖିବା ପରେ ପୋଲର ସ୍ଥାୟିତ୍ୱ ନେଇ ଆଶଙ୍କା ବ୍ୟକ୍ତ କରିଛନ୍ତି।

୨୦ ନମ୍ବର ଜାତୀୟ ରାଜପଥ ଏବଂ ୫୩ ନଂ. ରାଜ୍ୟପଥକୁ ସଂଯୋଗ କରୁଥିବା ଏହି ସେତୁ ୧୯୮୬ ମସିହାରେ ନିର୍ମିତ ହୋଇଥିଲା। କେନ୍ଦୁଝର ଓ ଭଦ୍ରକ ଜିଲାକୁ ଗମନାଗମନ କ୍ଷେତ୍ରରେ ଏହି ସେତୁ ସଂଯୋଗ କରଥିବାରୁ ଏହାର ଯଥେଷ୍ଟ ଗୁରୁତ୍ୱ ରହିଛି। ୨୦୧୮ ଜୁଲାଇ ମାସରେ ସେତୁର ଏହି ପିଲରରୁ ପ୍ରଥମେ ଏକ ବେରିଂ ଖସିପଡିଥିଲା । ସେତୁ ମଝିଭାଗରେ ଥିବା ପିଲରର ଏଭଳି ସ୍ଥିତି ପୋଲର ସ୍ଥାୟିତ୍ୱ ନେଇ ଆଶଙ୍କା ସୃଷ୍ଟି କରିଥିଲା। ବେରିଂ ଖସିଥିବା ସ୍ଥାନରେ ବିଭାଗ ତରଫରୁ କାଠ ଗୋଲା ଢିରା ଦିଆଯାଇ ସାମୟିକ ଭାବେ ଏହାକୁ ମରାମତି କରାଯାଇଥିଲା। ପରେ ଚଳିତବର୍ଷ ଗତ ଜୁନ୍ ୧୨ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ସେତୁ ଉପରେ ସମସ୍ତ ଯାନ ଚଳାଚଳ ବନ୍ଦ ରଖାଯାଇ ଏହାର ମରାମତି କରାଯାଇଥିଲା। ମରାମତି ପରେ ସେତୁ ଉପରେ ଜଏଣ୍ଟ ସ୍ଥାନଗୁଡିକ ଠିକ ହୋଇଥିଲା। ଏବେ ସାଢେ ୩ ମାସ ପରେ ପୁନଶ୍ଚ ସେହି ପିଲର ଯୋଡେଇ ସ୍ଥାନ ଦବିଯିବା ନାନା ଆଶଙ୍କା ସୃଷ୍ଟିର କାରଣ ହୋଇଛି। ଘଟଣା ସମ୍ପର୍କରେ ସ୍ଥାନୀୟ ପୂର୍ତ୍ତ ବିଭାଗ ସହକାରୀ ଅଧିକାରୀ ସମୀର କୁମାର ଅଧିକାରୀଙ୍କୁ ପଚାରିବାରୁ ସେ ଏ ନେଇ ଅବଗତ ଥିବା କହିବା ସହିତ ଖୁବ ଶୀଘ୍ର ଏକ ଟେକ୍‌ନିକାଲ ଟିମର ସହାୟତା ନିଆଯାଇ ମରାମତି କାମ କରାଯିବ ବୋଲି କହିଛନ୍ତି।


ସେତୁର ପିଲର ଉପରେ ଥିବା ୨ଟି ସ୍ପାନ୍‌ର ଯୋଡ଼େଇ ସ୍ଥାନ ପ୍ରାୟ ୨ ଇଞ୍ଚ ଦବିଯାଇଛି।

# ମହିଳାଙ୍କୁ ମରଣାନ୍ତକ ଆକ୍ରମଣ: ୨ ଗିରଫ

ଝୁମ୍ପୁରା, ୨୯।୯ (ଡି.ଏନ.ଏ.)

କେନ୍ଦୁଝର ଜିଲା ଝୁମ୍ପୁରା ଥାନା ଅଧୀନ ଏକ ଗ୍ରାମରେ ଜଣେ ମହିଳାଙ୍କୁ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ସର୍ଦ୍ଦାର (୪୮) ଓ ଝୁଲୁ ମହାନ୍ତ(୩୪)ଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟଙ୍କ ବିରୋଧରେ ଦଫା ୩୪୧, ୪୫୦, ୩୨୩, ୩୦୭, ୩୫୪–ଏ, ୫୦୬, ୩୪ ଆଇପିସିରେ ମକଦ୍ଦମା (ନଂ. ୮୨/୧୯) ରୁଜୁ କରାଯାଇଥିବା ତଦନ୍ତକାରୀ ଅଧିକାରୀ କୃଷ୍ଣଚନ୍ଦ୍ର ପଶାୟତ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ ଗତ ୨୭ ତାରିଖ ସକାଳେ ମହିଳା ଜଣକ ଘରେ ଏକୁଟିଆ ରହିଥିବା ଦେଖି ଅଭିଯୁକ୍ତ ଦ୍ୱୟ ତାଙ୍କୁ ଟଣାଓଟରା କରିବା ସହିତ ଅସଦାଚରଣ ଉଦ୍ୟମ କରିଥିଲେ। ମହିଳାଙ୍କ ତୀବ୍ର ପ୍ରତିରୋଧ ଯୋଗୁ ଅଭିଯୁକ୍ତ ଦ୍ୱୟ କ୍ଷୁବ୍ଧ ହୋଇ ଏକ ଧାରୁଆ ଅସ୍ତ୍ରରେ ମହିଳାଙ୍କ ମୁଣ୍ଡରେ ୩ଟି ଜାଗା, କାନ୍ଧରେ ୨ଟି ଜାଗାକୁ ହାଣି ଦେଇଥିଲେ। ଗ୍ରାମବାସୀ ଏହି ମହିଳାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେବା ସହ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ସେହିଦିନ ବିଳମ୍ବିତ ରାତିରେ ଅଭିଯୁକ୍ତ ଦ୍ୱୟଙ୍କୁ କାବୁ କରି ଥାନାକୁ ଧରି ଆଣିଥିଲା। ଗୁରୁତର ଅବସ୍ଥାରେ ମହିଳା ଜଣକ ବର୍ତ୍ତମାନ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ରହିଛନ୍ତି। ଅଭିଯୁକ୍ତ ବ୍ୟବହାର କରିଥିବା ଧାରୁଆ ଅସ୍ତ୍ର ଜବତ ହୋଇପାରି ନ ଥିବା ପୋଲିସ କହିଛି।

## ସଂକ୍ଷେପରେ

### ଆଉ ୪ ଦଲାଲ ଅଟକ

କେନ୍ଦୁଝର, ୨୯।୯(ସ୍ୱ.ପ୍ର.)- କେନ୍ଦୁଝର ପୋଲିସ ଚଢାଉ କରି ରୋଗୀଙ୍କୁ ଠକେଇ କରୁଥିବା ଅଭିଯୋଗରେ ୪ ଜଣ ଦଲାଲଙ୍କୁ ଅଟକ ରଖି ପଚରା ଉଚୁରା କରୁଛି। ସେମାନଙ୍କ ମଧ୍ୟରୁ ମେଡିକାଲ କର୍ମଚାରୀଙ୍କ ସମେତ ଘରୋଇ କ୍ଲିନିକର କର୍ମଚାରୀ ରହିଥିବା ଜଣାପଡିଛି। ପୋଲିସ ଧରପଗଡ଼ ପରେ ଡାକ୍ତରଖାନା, ରକ୍ତଭଣ୍ଡାର ଓ ଆର.ଟି.ଓ. ଅଫିସରେ ଦଲାଲ ଓ ସେମାନଙ୍କୁ ସହାୟତା କରୁଥିବା କର୍ମଚାରୀଙ୍କ ମଧ୍ୟରେ କୋକୁଆ ଭୟ ଖେଳିଯାଇଛି।

### ଅଙ୍ଗନୱାଡି କେନ୍ଦ୍ରରେ ପୁଷ୍ଟିକର ଖାଦ୍ୟ ଦିବସ

କୋଲିମାଟି, ୨୯।୯(ଡି.ଏନ.ଏ.)- କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ଅଧୀନ କୋଲିମାଟି ଓ ବୁଢ଼ୀକୁଦ ପଞ୍ଚାୟତର କୋଲିମାଟି ଅଙ୍ଗନୱାଡି କେନ୍ଦ୍ରରେ ପୁଷ୍ଟିକର ଖାଦ୍ୟ ଦିବସ ପାଳନ କରାଯାଇଥିଲା। ସମସ୍ତ ଅଙ୍ଗନୱାଡି କର୍ମୀ ଏହି ଦିବସ ପାଳନ ଅବସରରେ ପୁଷ୍ଟିକର ରନ୍ଧାଖାଦ୍ୟ ପ୍ରସ୍ତୁତି କରି ଗର୍ଭବତୀ ଓ ପ୍ରସୂତିମାନଙ୍କୁ ଖାଇବାକୁ ଦେଇଥିଲେ। ଆନନ୍ଦପୁର ବ୍ଲକରୁ ଆସିଥିବା ସୁପରଭାଇଜର ଶୈଳେନ୍ଦୀ ନାଏକଙ୍କ ତତ୍ତ୍ୱାବଧାନରେ ଏହି ଦିବସ ପାଳନ କାର୍ଯ୍ୟକ୍ରମରେ ଗୌରୀ ନାଏକ, ମଉଦା ଦେହୁରୀ, ସଙ୍ଗୀତା ପଟ୍ଟନାୟକ, ଶଶିକଳା ରାଉତ, ପୁଷ୍ପଲତା ନାଏକ, ତୁଳସୀ ପାଳିଆ, ପ୍ରିୟଦର୍ଶିନୀ ସାହୁ, ମିନତି ନାଏକ, ପୂର୍ଣ୍ଣିମା ମହାନ୍ତ ସହଯୋଗ କରିଥିଲେ ।

### ସାନଘାଗରାରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ

କେନ୍ଦୁଝର, ୨୯।୯(ଡି.ଏନ୍.ଏ.)- ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ଅବସରରେ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ସାନଘାଗରାଠାରେ ଭାଜପା ମହିଳା ନେତ୍ରୀଙ୍କ ଦ୍ୱାରା ସ୍ୱଚ୍ଛଭାରତ କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାର ବିଭିନ୍ନ ମଣ୍ଡଳରୁ ନାରୀନେତ୍ରୀମାନେ ଆସି ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପର୍ଯ୍ୟଟନ କ୍ଷେତ୍ରକୁ ରାଜ୍ୟ ତଥା ରାଜ୍ୟ ବାହାରୁ ପଯ୍ୟଟକ ଆସୁଥିବାରୁ ଏହାକୁ ସ୍ୱଚ୍ଛ ରଖିବା ଲାଗି ଆଗାମୀ ଦିନରେ ଏଭଳି ପଦକ୍ଷେପ ନିଆଯିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଥିଲା। ପୂର୍ବତନ ସଦର ବ୍ଲକ ଅଧ୍ୟକ୍ଷା କିରଣବାଳା ନାଏକ, ନାରୀନେତ୍ରୀ ସାବତ୍ରୀ ବିଶ୍ୱାଳ, କଳ୍ପନା ରାଉତ, ନୈନା ରାଠୋର, ସ୍ୱପ୍ନା ସାହୁ, ଲୀଳାବତୀ ଫନ୍ଦୁକାର, ଆରତୀ ସାହୁ, ଝୁମୁରୀ ନାଏକ, ଗାୟତ୍ରୀ ଜେନା, କୁନ୍ତି ମହାନ୍ତ,ସାବିତ୍ରୀ ବେହେରା, ରତ୍ନମଣୀ ସେଠୀ, ଅମ୍ବି ସେଠୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ■ ପିଲେଟ ପରିବହନରେ ଚୋରା କାରବାର

# ଯୋଡା ଉପତ୍ୟକାରେ ତେଜୁଛି ଗୋଷ୍ଠୀ ବିବାଦ

ଯୋଡ଼ା, ୨୯।୯ (ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ଥାନା ଅଞ୍ଚଳରେ ପିଲେଟ ପରିବହନରେ ଚୋରାକାରବାରକୁ ନେଇ ଗୋଷ୍ଠୀ ବିବାଦ ତେଜୁଥିବା ସୂଚନା ମିଳିଛି। ଶୁକ୍ରବାର ଏଭଳି ଘଟଣାରେ ଗୋଷ୍ଠୀ ସଂଘର୍ଷ ଘଟିବା ପରେ ପୋଲିସ ଲାଗି ଚିନ୍ତା ବଢିଛି।

ଏକ ବିଶେଷ ସୂତ୍ରରୁ ଜଣାପଡିଛି ଯେ, ଶିଳ୍ପ ସଂସ୍ଥାରୁ ପିଲେଟ ପରିବହନ କରାଯାଇ ରେଳ ସାଇଡିଂ ନିକଟରେ ପରିବହନକାରୀ ସଂସ୍ଥା ପକ୍ଷରୁ ଗଚ୍ଛିତ ରଖାଯାଇଥାଏ। ପରେ ରେଳ ସାଇଡିଂରେ ରେଳର୍‌ୟାକ୍ ଲାଗିବା ସମୟରେ ଗଚ୍ଛିତ ସ୍ଥାନରୁ ପିଲେଟ ନିଆଯାଇ ରେଳର୍‌ୟାକ୍‌ରେ ଲୋଡ କରାଯାଇଥାଏ । ଗଚ୍ଛିତ ସ୍ଥାନରୁ ରେଳ ସାଇଡିଂକୁ ବିନା ଓଜନରେ ପିଲେଟ ପରିବହନ କରାଯାଉଥିବାରୁ କେତେକ ଅସାଧୁ ବ୍ୟବସାୟୀ ଏଥିରୁ ଫାଇଦା ଉଠାଇଥାନ୍ତି। ସେମାନେ ଟ୍ରିପ ଟ୍ରିପ୍ ପିଲେଟ ଅନ୍ୟତ୍ର ସ୍ଥାନାନ୍ତର କରି ଗଚ୍ଛିତ ରଖିବା ପରେ ବଡ ବଡ ଟ୍ରକରେ ଏହାକୁ ବାହାର ରାଜ୍ୟକୁ ଚୋରାଚାଲାଣ କରୁଥିବା କୁହାଯାଉଛି । ଚଳିତ ବର୍ଷ ଅତି ଚଞ୍ଚକତାର ସହିତ ଟ୍ରକ ଉପରେ ମାଙ୍ଗାନିଜ ଖଣିଜ ଲଦି ଭିତରେ ମୂଲ୍ୟବାନ ପିଲେଟ ବା ଗୋଲି ପଥର ଚୋରା ଚାଲାଣ କରାଯିବା ବେଳେ ବାମେବାରୀ ପୋଲିସ ଏହାକୁ ଧରିଥିଲା । ଗତବର୍ଷ ଡିସେମ୍ବର ୨୨ ତାରିଖରେ ଯୋଡା ଥାନା ଅନ୍ତର୍ଗତ ଖୁଣ୍ଟପାଣି ସୁରୁଗୁଟୁରିଆ ଅଞ୍ଚଳରେ ଥିବା ଏକ ଜଙ୍ଗଲ ଭିତରେ ଚୋରା ପିଲେଟ ଡିପୋ ଥିବା ପୋଲିସ ନଜରକୁ ଆସିଥିଲା। ଯୋଡା ପୋଲିସ ଏହାର ଅନୁସନ୍ଧାନ ଜାରି ରଖିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଉକ୍ତ ପିଲେଟ ଚୋରିର ପର୍ଦ୍ଦାଫାଶ କରିପାରିନାହିଁ । ଫଳରେ ପିଲେଟ ଚୋରା ବେପାରୀମାନେ ଏହି କାରବାର ବିନା ବାଧାରେ ଚଳାଇଛନ୍ତି। ଏହି ପିଲେଟ ଚୋରା କାରବାରରେ ଟଙ୍କା କମାଇବା ସହଜ ହେଉଥିବାରୁ ଏ ନେଇ ଏକପ୍ରକାର ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଛି। ପିଲେଟ ପରିବହନ କାର୍ଯ୍ୟକୁ କଳେବଳେ କୌଶଳେ ହାତେଇବା ପାଇଁ ଟଣାଓଟରା ଚାଲୁଛି । ଏହାର ଫଳ ସ୍ୱରୂପ ପିଲେଟ ପରିବହନକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି । ଗତ ଶୁକ୍ରବାର ଗଣ୍ଡଗୋଳ ଘଟଣାରେ ଦୁଇ ପକ୍ଷ ଯୋଡା ଥାନାରେ ଅଭିଯୋଗ କରିଥିବାରୁ ଘଟଣା ଅଧିକ ବିବାଦୀୟ ରୂପ ନେଇଛି। ପୋଲିସ ଏହାର ଉଚିତ ତଦନ୍ତ କଲେ ପିଲେଟ ଚୋରା କାରବାରର ତଥ୍ୟ ଉନ୍ମୋଚନ ହୋଇପାରିବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଉଲ୍ଲେଖନୀୟ ଯେ, ଗତ କିଛିଦିନ ହେବ ଯୋଡା ଖଣି ମଣ୍ଡଳରେ ଆଇରନ୍ ମାଙ୍ଗାନିଜ ଚୋରାକାରବାର ସହିତ ପିଲେଟ ଚୋରାକାରବାର ବଢିଥିବା ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ରାଜ୍ୟ ଖଣି ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ, ଜିଲାସ୍ତରୀୟ ଟାସ୍କ ଫୋର୍ସ ଓ ଜିଲା ପୋଲିସ ଏଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ବିସ୍ମୟର କାରଣ ହୋଇଛି। ତୁରନ୍ତ ଏହି ଚୋରାକାରବାର ରୋକା ନ ଗଲେ ଯୋଡା ଉପତ୍ୟାକାରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି ବୋଲି ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର ମତ ବ୍ୟକ୍ତ କରିଛନ୍ତି।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଂସ୍କାର ମହୋତ୍ସବ

କେନ୍ଦୁଝର, ୨୯।୯(ଡି.ଏନ୍.ଏ.)

କେନ୍ଦୁଝର ଜିଲା ସାହାରପଡା ବ୍ଲକ ଅନ୍ତର୍ଗତ ଗଦଗଦି ଶିଶୁ ବିଦ୍ୟାମନ୍ଦିରରେ ସଂସ୍କାର ମହୋତ୍ସବ ଅବସରରେ ଛାତ୍ରାବାସରେ ରହୁଥିବା ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଭାରତୀୟ ସଂସ୍କୃତି ଓ ପରମ୍ପରା ବଜାୟ ରଖିବା ଲାଗି ସଚେତନତା ସୃଷ୍ଟି କରିବା ଏବଂ ଆଗାମୀ ବଂଶଧର କିପରି ସଂସ୍କାରବାନ ହେବେ ସେଥିନିମନ୍ତେ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଶିଶୁମନ୍ଦିରର ପ୍ରଧାନଆଚାର୍ଯ୍ୟ ମହେନ୍ଦ୍ର କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। 'ଆସନ୍ତୁ ଗଢିବା ସଂସ୍କାରବନ ପିଢି' ଶୀର୍ଷକରେ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇଥିଲା। କଳ୍ପନା ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁମନ୍ଦିରର ସଭାପତି ଜନାର୍ଦ୍ଦନ ମହାନ୍ତ, ସମ୍ପାଦକ ପଦନ କୁମାର ନାଏକ, ବିଦ୍ୱତ ପରିଷଦର ସମ୍ପାଦକ ହୀରାଲାଲ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସଂସ୍କାରମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଡାକ୍ତରଖାନାରେ ରୋଗୀସେବା ବ୍ୟାହତ


ଚମ୍ପୁଆ ମେଡିକାଲ।

ଚମ୍ପୁଆ, ୨୯।୯ (ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାରେ ଡାକ୍ତର ଅଭାବ ଜନିତ କାରଣରୁ ରୋଗୀସେବା ବ୍ୟାହତ ହେଉଥିଲେ ମଧ୍ୟ ପ୍ରଶାସନ ଏହାକୁ ଅଣଦେଖା କରି ଚାଲିଛି। ଏହି ଚିକିତ୍ସାଳୟ ଉପରେ ପଡ଼ୋଶୀ ଝାଡଖଣ୍ଡ ରାଜ୍ୟ ମୟୂରଭଞ୍ଜ ଜିଲାର ଉପାନ୍ତ ଅଞ୍ଚଳ ସମେତ ଚମ୍ପୁଆ ଉପଖଣ୍ଡର ଶହ ଶହ ରୋଗୀ ନିର୍ଭର କରି ଆସୁଛନ୍ତି। ଦୀର୍ଘଦିନ ହେବ ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର ପଦବୀ ପୂରଣ ହୋଇ ପାରୁନାହିଁ। ଚକ୍ଷୁ, ମେଡିସିନ, ସର୍ଜରୀ, ଦନ୍ତ, ଶିଶୁ, ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଡାକ୍ତର ରହିଥିବାରୁ ରୋଗୀସେବା କୌଣସି ପ୍ରକାରେ ଚଳିଯାଉଛି। ତେବେ ରବିବାର ଡାକ୍ତରମାନେ ଛୁଟିରେ ରହିଲେ କିମ୍ବା ସାପ୍ତାହିକ ଅଫ୍ ଡେରେ ଅନୁପସ୍ଥିତ ରହିଲେ ରୋଗୀମାନେ ଉଚିତ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଗତ ରବିବାର ମଧ୍ୟାହ୍ନ ୧୨ ଟା ସୁଦ୍ଧା ୨୫୨ ଜଣ ରୋଗୀ ଚମ୍ପୁଆ ଚିକିତ୍ସାଳୟକୁ ଆସିଥିଲେ । ଏହି ଦିନ ୩ଟି ବିଭାଗର ଡାକ୍ତରୁ ଛୁଟି ଓ ଅଫ ଡେ ଯୋଗୁ ଅନୁପସ୍ଥିତ ଥିବାରୁ ଚିକିତ୍ସା ପାଇଁ ଆସିଥିବା ରୋଗୀ ସେବା ପାଇବାରୁ ବଞ୍ଚିତ ହେଇଥିଲେ। ଏ ନେଇ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା କର୍ଣ୍ଣରାମ ମହାନ୍ତଙ୍କୁ ପଚାରିବାରୁ ଆଗକୁ ଏଥିପ୍ରତି ଧ୍ୟାନ ଦିଆଯାଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ରୋଟାରୀ କ୍ଲବ ପକ୍ଷରୁ ପ୍ରବନ୍ଧ ପ୍ରତିଯୋଗିତା



ଯୋଡା ରୋଟାରୀ କ୍ଲବ ପକ୍ଷରୁ ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତା।

ଯୋଡ଼ା, ୨୯।୯ (ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ରୋଟାରୀ କ୍ଲବ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ଉପଲକ୍ଷେ ଶୁକ୍ରବାର ବିଭିନ୍ନ ମହାବିଦ୍ୟାଳୟରେ ଗାନ୍ଧିଜୀଙ୍କ ଆଦର୍ଶ ଉପରେ ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଯୋଡା ମହିଳା ମହାବିଦ୍ୟାଳୟ, ବୃହସ୍ପତି ମହାବିଦ୍ୟାଳୟ, ଟି.ଏସ.ଡି ମହାବିଦ୍ୟାଳୟ, ରିମୁଳି ମହାବିଦ୍ୟାଳୟ, ବଡବିଲ ମହାବିଦ୍ୟାଳୟ, ଚମ୍ପୁଆସ୍ଥିତ ଚନ୍ଦ୍ରଶେଖର ମହାବିଦ୍ୟାଳୟ, ଚମ୍ପୁଆ ମହିଳା ମହାବିଦ୍ୟାଳୟର ପ୍ରତିଯୋଗୀମାନେ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ବିଭିନ୍ନ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ନଭେମ୍ବର ୧୪ ଶିଶୁ ଦିବସ ପାଳନ ଅବସରରେ ରୋଟାରୀ କ୍ଲବ ପକ୍ଷରୁ ପୁରସ୍କୃତ କରାଯିବା କାର୍ଯ୍ୟକ୍ରମ ରହିଛି । ଯୋଡା ରୋଟାରୀ କ୍ଲବ ପକ୍ଷରୁ ଡ. ମାଧବ ଚନ୍ଦ୍ର ମିଶ୍ର, ବିକାଶ ମହାନ୍ତି, ସିଦ୍ଧାର୍ଥ ସାରଥି କର, ଜିତେନ୍ଦ୍ର ବୈଦ୍ୟ, ରାଜଶ୍ରୀ ମହାନ୍ତି, ଡ. ସ୍ୱାଗତିକା ବିଶ୍ୱାଳ ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଯୋଡା ମହିଳା ମହାବିଦ୍ୟାଳୟରେ ଅଧ୍ୟାପକ ପବିତ୍ର ମୋହନ କର, ବୃହସ୍ପତି ମହାବିଦ୍ୟାଳୟ ପକ୍ଷରୁ ଅତସୀ ପ୍ରଧାନ, ଗୁରୁକୁଳ ପକ୍ଷରୁ ମାନସ ପାତ୍ର, ରିମୁଳି ମହାବିଦ୍ୟାଳୟ ପକ୍ଷରୁ ସ୍ୱାଗତିକା ବିଶ୍ୱାଳ, ବଡବିଲ ମହାବିଦ୍ୟାଳୟ ପକ୍ଷରୁ ଅଶୋକ କୁମାର ଝା, ସୁଦର୍ଶନ ମହାନ୍ତି, ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପକ୍ଷରୁ ପ୍ରଶାନ୍ତ ଚାନ୍ଦ ତଦାରଖ ଦାୟିତ୍ୱ ତୁଲାଇଥିଲେ । ସମୁଦାୟ ୧୯୧ ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ । ଓଡ଼ିଆ, ଇଂଲିଶ ଭାଷାରେ ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପୃଥକ ଭାବେ ପ୍ରତିଯୋଗିତା କରାଯାଇଥିଲା। ଗାନ୍ଧିଜୀଙ୍କ ଆଦର୍ଶ ଚିନ୍ତାଧାରାରେ କିପରି ଛାତ୍ରୀଛାତ୍ର ଅନୁପ୍ରାଣିତ ହେବେ ଏହା ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ରୋଟାରୀ କ୍ଲବର ସଭାପତି ସିଦ୍ଧାର୍ଥ ସାରଥି କର ପ୍ରକାଶ କରିଥିଲେ ।

### ଶୁଣିଲାନି ପ୍ରଶାସନ, ରାସ୍ତା ମରାମତି କଲେ ଗ୍ରାମବାସୀ

କେନ୍ଦୁଝର, ୨୯।୯ (ସ୍ୱ.ପ୍ର.)

ସବୁ ଗ୍ରାମକୁ ସଡକପଥ ସଂଯୋଗ ଲାଗି ସରକାରୀ ସ୍ତରରେ ଯୋଜନା ହେଉଥିବା ବେଳେ କେନ୍ଦୁଝର ଜିଲାରେ ଆଜିବି ଅନେକ ଗ୍ରାମ ଦୁର୍ଗମ ଇଲାକା ହୋଇ ରହିଛି। କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ଦାବାଙ୍କ ମୁଣ୍ଡାସାହି ଠାରୁ ଘାଗିସାହି ଡିପାସହି ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡ଼ିଥିବାରୁ ବସବାସ ଲୋକେ ଯାତାୟତ କ୍ଷେତ୍ରରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷାଦିନେ ଏହି ରାସ୍ତାରେ ଯାତାୟତ କରିବା ଆଦୌ ସମ୍ଭବ ହେଉ ନାହିଁ । ଆଦିବାସୀ ଅଧ୍ୟୁଷିତ ଏହି ଗ୍ରାମର ବାସିନ୍ଦା ପଞ୍ଚାୟତସ୍ତରଠାରୁ ଜିଲା ପ୍ରଶାସନ ପର୍ଯ୍ୟନ୍ତ ବହୁବାର ଅଭିଯୋଗ କରି କୌଣସି ସୁଫଳ ନ ପାଇବାରୁ ଶେଷରେ ସେମାନେ ମିଳିମିଶି ହାତରେ କୋଦାଳ ଖୁଡ଼ି ଧରି ରାସ୍ତା ମରାମତି କରିଛନ୍ତି। ରବିବାର ଗ୍ରାମର ଜଗନ୍ନାଥ ମାଝି,ଗୋପୀନାଥ ମାଝି,ମହେନ୍ଦ୍ର ମାଝି,ସୁଦର୍ଶନ ମାଝି,ବସନ୍ତ ମାଝି,ପୂର୍ଣ୍ଣଚନ୍ଦ୍ର ମାଝି ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ରାସ୍ତାରେ ଗୋଡିମାଟି ଆଣଇ ପକାଇଥିଲେ। ଗାଁକୁ ସର୍ବୁଦିନିଆ ରାସ୍ତା ନ ଥିବାରୁ ଲୋକେ ଗର୍ଭବତୀ ଓ ଅନ୍ୟ ରୋଗୀଙ୍କୁ ଖଟିଆରେ ବୋହି ଡାକ୍ତରଖାନା ନିଅନ୍ତି ବୋଲି କହିଛନ୍ତି।

# ଡାଇଭର୍ସନ ରାସ୍ତା ଧସି ଯାତାୟାତ ବନ୍ଦ



ରାସ୍ତାର ଡାଇଭର୍ସନ କାଦୁଅରେ ଫସିଥିବା ଖଣିଜ ବୋଝେଇ ଟ୍ରକ ଏବଂ ଗ୍ରାମବାସୀ।

ଝୁମ୍ପୁରା, ୨୯।୯ (ଡି.ଏନ.ଏ.)

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ମଲଦା ପଞ୍ଚାୟତର ଜଗଦଳା–ବଳଭଦ୍ରପୁର – ଫୁଲଝର ରାସ୍ତାର କାଳିଆପାଳ ଗ୍ରାମ ନିକଟରେ ନିର୍ମାଣାଧୀନ ଥିବା ଏକ ପୋଲର ଡାଇଭର୍ସନ ରାସ୍ତା ଲଗାଣବର୍ଷାରେ ଧସି ପଡିବା ଯୋଗୁ ୨ ଦିନ ଧରି ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। କାଳିଆପାଳ, ବଳଭଦ୍ରପୁର, କାଶିଆ, ଅନ୍ଧାରୀଖମଣ ଗାଁ ସମେତ ବନାଞ୍ଚଳରେ ଥିବା ୧୫ରୁ ଉର୍ଦ୍ଧ୍ୱ ବସ୍ତିର ବାସିନ୍ଦା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧସିପଡିଥିବା ଡାଇଭର୍ସନ ରାସ୍ତା ନିକଟରେ କେତେକ ଯାନବାହନ ମଧ୍ୟ ଅଟକି ରହିଛି। ଏହି ରାସ୍ତା ନିର୍ମାଣ କରୁଥିବା ପୂର୍ତ୍ତ ବିଭାଗ ସମେତ କୌଣସି ପ୍ରଶାସନିକ ଅଧିକାରୀ ଏଯାଏ ଘଟଣାସ୍ଥଳକୁ ଆସି ନ ଥିବା ଗ୍ରାମବାସୀଙ୍କ ପକ୍ଷରୁ ନନ୍ଦ ନାଏକ, ବାବନ ନାଏକ, ବିନୋଦ ନାଏକ, ମହେଶ୍ୱର ନାଏକ, ଇନ୍ଦ୍ର ନାଏକ, ତୁରନ୍ତ ନାଏକ, ତ୍ରିବେଣୀ ନାଏକ, ଜନ୍ଦା ମୁଣ୍ଡା, ଜୟରାମ ମୁଣ୍ଡା, ଶରତ ମହାନ୍ତ ପ୍ରମୁଖ ଅଭିଯୋଗ କରିଛନ୍ତି।

ଏହି ରାସ୍ତାର ଉପର ମୁଣ୍ଡ ବାଂଶପାଳ ବ୍ଲକରେ ୨ଟି କାରଖାନା ରହିଛି। ଦୀର୍ଘ ବର୍ଷ ଧରି ଉକ୍ତ ପ୍ଲାଣ୍ଟ ଏହି ରାସ୍ତାକୁ ବ୍ୟବହାର କରି ଆସୁଥିଲେ ମଧ୍ୟ ଏହାର ମରାମତି କରାଯାଉ ନ ଥିଲା। ଏ ନେଇ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିବା ପରେ ଜିଲା ଖଣିଜ ପାଣ୍ଠିରୁ ଜଗଦଳା–ବଳଭଦ୍ରପୁର ୧୮କି.ମି. ରାସ୍ତା ସହିତ ବଳଭଦ୍ରପୁର – ଫୁଲଝର ୧୦ କି.ମି. ରାସ୍ତା ପାଇଁ ୩୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ ହୋଇଥିଲା। ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ଡକାଯାଇ ରାସ୍ତା ନିର୍ମାଣ ଆରମ୍ଭ ହୋଇଥିଲା। ୨୦୧୭ ଜୁନ ୨୦ ସୁଦ୍ଧା କାମ ସରିବ ବୋଲି ସୂଚନା ଫଳକରେ ଉଲ୍ଲେଖ ଥିଲେ ମଧ୍ୟ ଏଯାଏ କାର୍ଯ୍ୟ ଶେଷ ହୋଇନାହିଁ। ରାସ୍ତା ଉପରେ କଲଭର୍ଟ ଓ ପୋଲ କାମ ଅଧାପନ୍ତରିଆ ହୋଇ ପଡିରହିଛି। ପୂର୍ବରୁ ରାସ୍ତା ନିର୍ମାଣ କାମ ନିମ୍ନମାନର କରାଯାଇଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ହେଲେ ପୂର୍ତ୍ତ ବିଭାଗ ଏଭଳି ଅଭିଯୋଗକୁ ଅଣଦେଖା କରିଥିବା ସ୍ଥାନୀୟ ଗ୍ରାମବାସୀ କହିଛନ୍ତି।


ଜବତ ହୋଇଥିବା ଚୋରା ସ୍କ୍ରାପ ବୋଝେଇ ପିକଅପ ଭ୍ୟାନ ।

# ଚୋରା ଲୁହାପଥର ସ୍କ୍ରାପ୍ ବୋଝେଇ ପିକଅପ ଭ୍ୟାନ୍ ଜବତ

ଯୋଡ଼ା, ୨୯।୯ (ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ସହରର ଏକ ବ୍ୟାଙ୍କ ନିକଟରୁ ଚୋରା ଲୁହାପଥର ସ୍କ୍ରାପ୍ ବୋଝେଇ ହୋଇଥିବା ଏକ ପିକଅପ ଭ୍ୟାନ୍‌କୁ ପୋଲିସ ଜବତ କରିଛି । ଶୁକ୍ରବାର ରାତି ସାଢେ ୮ଟା ସମୟରେ ଯୋଡା –ବାମେବାରୀ ରାଜ୍ୟ ରାଜପଥର ପାର୍ଶ୍ୱରେ ଥିବା ଏହି ବ୍ୟାଙ୍କ ନିକଟରେ ଏକ ପିକଅପ ଭ୍ୟାନ୍ (ନଂ ଓଆର୦୯ବି ୯୦୬୧) ଚୋରା ଲୁହାପଥର ସ୍କ୍ରାପ ବୋଝେଇ କରୁଥିବା ବିଶେଷ ସୂତ୍ରରୁ ଖବରପାଇ ଯୋଡା ଥାନା ସବଇନ୍ସପେକ୍ଟର ବିଶ୍ୱଜିତ ବେହେରା ଓ ସୁନିଲ ସୋରେନ୍ ପ୍ରମୁଖ ଚଢାଉ କରି ପିକ୍‌ଅପ ଭ୍ୟାନ୍ କୁ ଜବତ କରିଥିଲେ । ଏହି କାରବାରର ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ପୋଲିସ ସୂଚନା ଦେଇଛି। ଏନେଇ ଯୋଡା ଥାନାରେ ଦଫା ୩୭୯, ୪୧୧ରେଏକ ମାମଲା(ନଂ ୧୫୯/୧୯) ରୁଜୁ କରାଯାଇଛି।



## ସଂକ୍ଷେପରେ

### ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି

**ବାସୁଦେବପୁର, ୨୯।୯ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ସହର ଉପକଣ୍ଠସ୍ଥିତ ବାଲି କଲୋନୀରେ ରୀତାରାଣୀ ନାୟକ ନାମ୍ନୀ ଜଣେ ମହିଳାଙ୍କ ଘରୁ ଶନିବାର ରାତିରେ ଚୋରି ହୋଇଛି। ଘର ତାଲା ଭାଙ୍ଗି ଚୋରମାନେ ଲକ୍ଷାଧିକ ଟଙ୍କାର ଅଳଙ୍କାର ସହ ନଗଦ ୩ ହଜାର ଟଙ୍କା ଚୋରି କରି ନେଇଯାଇଛନ୍ତି। ଏ ସମ୍ପର୍କରେ ରୀତାରାଣୀ ରବିବାର ସକାଳେ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ରୀତାରାଣୀ ତାଙ୍କ ବାପାଙ୍କ ଘର ରାଧାବଲ୍ଲଭପୁର ଗ୍ରାମକୁ ଯାଇଥିବା ବେଳେ ରାତିରେ ଆଉ ବାଲି କଲୋନୀ ଘରକୁ ଫେରିପାରି ନ ଥିଲେ। ବାଲି କଲୋନୀ ଘରେ ଆଉ କେହି ବ୍ୟକ୍ତି ନ ଥିବାରୁ ତାଲା ପଡ଼ିଥିଲା। ଏହାର ସୁଯୋଗ ନେଇ ଚୋରମାନେ ଘର ଓ ଗଡ୍‌ରେଜ ତାଲା କାଟି ସୁନା ଗହଣା ଚୋରି କରି ନେଇଯାଇଥିବା ସେ ଦର୍ଶାଇଛନ୍ତି।

### ତେନ୍ତୁଲିଡିହିରେ ମିଶ୍ରଣ ପର୍ବ

**ଚାନ୍ଦବାଲି, ୨୯।୯ (ଡି.ଏନ.ଏ.):** ଚାନ୍ଦବାଲି ବ୍ଲକ ତେନ୍ତୁଲିଡିହି ପଞ୍ଚାୟତରେ ବିଜେଡିର ମିଶ୍ରଣ ପର୍ବ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଯୁବନେତା ପ୍ରିନ୍ସ ରାକେଶ ନାୟକଙ୍କ ନେତୃତ୍ୱରେ ପଞ୍ଚାୟତର ନାଏବ ସରପଞ୍ଚଙ୍କ ପ୍ରତିନିଧି ସୁଶାନ୍ତ ରାଉତ, ସୁବାସ ଦାସ, ମିନତି ରାଉତ, ନିମାଇଁ ଦାସଙ୍କ ସହ ୨୦ରୁ ଅଧିକ ଲୋକ ବିଜେଡିରେ ସାମିଲ ହୋଇଛନ୍ତି। ଏହି ଅବସରରେ ଅନୁଷ୍ଠିତ ସଭାରେ ବିଧାୟକ ବ୍ୟୋମକେଶ ରାୟ ଯୋଗଦେଇ ଚାନ୍ଦବାଲିର ବିକାଶ ପାଇଁ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟ ଓ ବ୍ୟୟବରାଦ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାପତିତ୍ୱ କରିଥିଲେ ଭଦ୍ରକ ଜିଲା ପରିଷଦ ଅଧକ୍ଷ ଦ୍ୱିଜବର ରାଉତ। ଖଗେଶ୍ୱର ବଳ, ଶରତ ସାହୁ, ନରେଶ ମାଝୀ, ସୁଦାମ ପତ୍ରୀ, ସୁବାସ ମହାନ୍ତି, ରତିକାନ୍ତ ବେହେରା, ପ୍ରତାପ ବିଶ୍ୱାଳ ଓ ଶୁଭେନ୍ଦୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ବିଗତ ୨ଟି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭାଜପାର ସମର୍ଥକଙ୍କ ଦଖଲରେ ଏହି ପଞ୍ଚାୟତ ରହିଛି। ଚଳିତବର୍ଷ ମାର୍ଚ୍ଚ ମାସରେ ସରପଞ୍ଚ ନିର୍ମଳ ଟିକାୟତ ରାୟଙ୍କ ମୃତ୍ୟୁ ପରେ ଏଠାରେ ଉପନିର୍ବାଚନ ଅନୁଷ୍ଠିତ ହେବ। ପଞ୍ଚାୟତରେ ୫ଟି ପର୍ଯ୍ୟାୟରେ ଅନ୍ୟ ଦଳ ଛାଡ଼ି କେତେକ ନେତା ଓ କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି। ବିଜେଡିର ସଙ୍ଗଠନ ବୃଦ୍ଧି ପାଇବା ସହିତ ଦଳର ସମର୍ଥକ ଏଠାରେ ବିଜୟୀ ହେବେ ବୋଲି ଆଲୋଚନା ହେଉଛି।

### ସ୍କୁଲ୍‌ରୁ କମ୍ପ୍ୟୁଟର ଚୋରି

**ଭଣ୍ଡାରିପୋଖରୀ, ୨୯।୯ (ଡି.ଏନ.ଏ.) :** ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ନେରଡା ପଞ୍ଚାୟତ ସୁବର୍ଣ୍ଣମୁଖୀ ଉଚ୍ଚ ବିଦ୍ୟାଳୟରୁ ଶନିବାର ବିଳମ୍ବିତ ରାତିରେ ଚୋରମାନେ ୧୨ଟି କମ୍ପ୍ୟୁଟର ଓ ଯନ୍ତ୍ରାଂଶ ଚୋରି କରି ନେଇଯାଇଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟରେ ଥିବା ରାତ୍ର ଜଗୁଆଳଙ୍କୁ ଚୋରମାନେ ଏକ ଘରେ ପୂରାଇ ଦେଇ କମ୍ପ୍ୟୁଟର ଗୃହ ତାଲା ଭାଙ୍ଗି ଚୋରି କରିଥିବା ପ୍ରଧାନଶିକ୍ଷୟିତ୍ରୀ ଶିଳ୍ପୀ ସଞ୍ଜିବିତା ନାୟକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

### ବିଜେଡିରେ କଂଗ୍ରେସ କର୍ମୀ

**ବନ୍ତ, ୨୯।୯ (ଡି.ଏନ.ଏ.):** ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ସହ ବହୁ କଂଗ୍ରେସ କର୍ମୀ ବିଜେଡ଼ିରେ ଯୋଗ ଦେଇଛନ୍ତି। ବନ୍ତସ୍ଥିତ ବିଜେଡି କାର୍ଯ୍ୟାଳୟଠାରେ ବ୍ଲକ ସଭାପତି କମଳାକାନ୍ତ ସାହୁଙ୍କ ଅଧକ୍ଷତାରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଜିଲାପରିଷଦ ସଭ୍ୟା ରେବତୀ ନାୟକ, ଓଡଙ୍ଗ ପଞ୍ଚାୟତ ବିଜେଡି ସଭାପତି ନାରାୟଣ ଚନ୍ଦ୍ର ଦାସ, ସାମାଜିକ କର୍ମୀ ଭୀମଚରଣ ସାହୁ, ସମିତିସଭ୍ୟା ସୁଲୋଚନା ଜେନା, ଓଡଙ୍ଗ ସେବା ସମବାୟ ସମିତି ସଭାପତି ଶଶୀକାନ୍ତ ଜେନା, ଯୁଧିଷ୍ଠିର ପଣ୍ଡା, ଆଇନଜୀବୀ ମାଧବାନନ୍ଦ ଦାସ ଓ ଜଗତ ଜୀବନ ଜେନା ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ଙ୍ଗର ପୂର୍ବତନ ସରପଞ୍ଚ ଦୀପାଞ୍ଜଳି ରାଉତ ଓ ରମାକାନ୍ତ ରାଉତଙ୍କ ନେତୃତ୍ୱରେ ଦିଲୀପ ପୁହାଣ, ପ୍ରଦୀପ ରାଉତ, କାହ୍ନୁଚରଣ ଜେନା, ଅଶୋକ ନାୟକ, ଶ୍ୟାମସୁନ୍ଦର ଦାସ, ଭାଗୀରଥି ପଢ଼ିଆରୀ, ନିରଞ୍ଜନ ବିଶ୍ୱାଳ, ଚତୁର୍ଭୁଜ ନାୟକ, ରାମଚନ୍ଦ୍ର ରାଉତ, ୱାର୍ଡସଭ୍ୟା କାଞ୍ଚନ ସେଠୀ, ଉପେନ୍ଦ୍ର ଜେନାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ନୂତନ ଭାବେ ବିଜେଡିରେ ଯୋଗଦାନ କରିଥିବା ନେତୃତ୍ୱ ଓ ସମସ୍ତ କର୍ମୀଙ୍କୁ ବିଧାୟକ ସାମଲ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ।

# ସମବାୟ ସଂସ୍ଥା ଜରିଆରେ ମିଳିବ ରୋଜଗାର

**କେନ୍ଦୁଝର, ୨୯।୯ (ସ୍ୱ.ପ୍ର.)**



ସମୀକ୍ଷା ବୈଠକରେ ମନ୍ତ୍ରୀ, ସମବାୟ ବ୍ୟାଙ୍କ ଓ ସଂସ୍ଥାର ଅଧିକାରୀ।

- କେନ୍ଦୁଝର, ମୟୂରଭଞ୍ଜ ଜିଲାକୁ ନେଇ ସମୀକ୍ଷା ବୈଠକ
- ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଓ ବିଭାଗୀୟ ଅଧିକାରୀ ଭାଗ ନେଲେ
- ଆଧାର ନ ଥିଲେ ବି ଚାଉଳ ପାଇବାରୁ କେହି ବଞ୍ଚିତ ହେବେ ନାହିଁ

କେନ୍ଦୁଝର ଓ ମୟୂରଭଞ୍ଜ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ରବିବାର ସ୍ଥାନୀୟ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଖାଦ୍ୟ ଯୋଗାଣ ଓ ଉପଭୋକ୍ତା କଲ୍ୟାଣ ତଥା ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବୈଠକରେ ଯୋଗଦେଇ ସମବାୟ କାର୍ଯ୍ୟକ୍ରମକୁ ଅଧିକ ଲୋକାଭିମୁଖୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଉଭୟ ଜିଲାର କେନ୍ଦ୍ର ସମବାୟ ବ୍ୟାଙ୍କର ଅଧିକାରୀ, ବୋର୍ଡ ନିର୍ଦ୍ଦେଶକମାନେ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। । ସମୀକ୍ଷା ସରିବା ପରେ ମନ୍ତ୍ରୀ ସ୍ୱାଇଁ ଖବରଦାତାଙ୍କୁ ଏହି ସୂଚନା ଦେଇ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ୫-ଟି ସୂତ୍ର ଆଧାରରେ ସମବାୟ ବ୍ୟାଙ୍କର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। ରାଜ୍ୟରେ ସବୁ ଜିଲାରେ ସମବାୟ ସଂସ୍ଥା ତଥା ସମବାୟ ବ୍ୟାଙ୍କ କାର୍ଯ୍ୟାବଳୀର ଏଣିକି ସମୀକ୍ଷା କରାଯିବ। ପ୍ରଥମ ପର୍ଯ୍ୟାୟରେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲା ଲାଗି ସମୀକ୍ଷା କରାଯାଇଛି । ଆଦିବାସୀ ଅଧ୍ୟୁଷିତ ଏହି ଦୁଇ ଜିଲାର ଚାଷୀ, ମୂଲିଆ, ଖଟିକିଆ ମଜୁରିଆ ଲୋକଙ୍କୁ ସମବାୟ କ୍ଷେତ୍ରକୁ ଆଣି ସେମାନଙ୍କୁ ରୋଜଗାରକ୍ଷମ କରିବା ସହ କିପରି କୃଷି ଉତ୍ପାଦନ କ୍ଷମତା ବୃଦ୍ଧି ପାଇବ ସେନେଇ ଆଲୋଚନା କରାଯାଇଥିଲା। ଚାଷ ଓ ଧାନକିଣା କାର୍ଯ୍ୟକୁ ଅଧିକ ପ୍ରାଧାନ୍ୟ ଦିଆଯାଇଥିଲା। ସମୀକ୍ଷା ବୈଠକରେ ନିଆଯାଇଥିବା ନିଷ୍ପତ୍ତି ନେଇ ୪ ମାସରେ ଥରେ ସମୀକ୍ଷା କରାଯିବ । ଏଥର ତରବରିଆ ଭାବେ ସମୀକ୍ଷା କରାଯାଇଥିବାରୁ ବୈଠକରେ ଦିଆଯାଇଥିବା କେତେକ ତଥ୍ୟ ତ୍ରୁଟିପୂର୍ଣ୍ଣ ଥିଲା। ସେସବୁକୁ ପରେ ସଂଶୋଧିତ କରାଯାଇଥିଲା । ସମବାୟ ବିଭାଗରେ କର୍ମଚାରୀ ଅଭାବ ରହିଛି। ନୂତନ ଭାବରେ ଆସିଷ୍ଟାଣ୍ଟ ମ୍ୟାନେଜର ପଦବୀରେ ଏବେ ଦକ୍ଷତାପୂର୍ଣ୍ଣ ବ୍ୟକ୍ତିଙ୍କୁ ନିଯୁକ୍ତି ମିଳିବ । କୌଣସି ଦୁର୍ନୀତି ଅଭିଯୋଗ ହେଲେ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଏହି ଅବସରରେ ମନ୍ତ୍ରୀ କହିଥିଲେ, ଆଧାର ଲିଙ୍କ୍ ପାଇଁ କାହାକୁ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ କରାଯିବ ନାହିଁ। ଦୁର୍ଗମ ଅଞ୍ଚଳରେ ରହୁଥିବା ଲୋକେ ବା ଭିନ୍ନକ୍ଷମ ଲୋକେ ଆଧାର କାର୍ଡ କରିପାରି ନାହାନ୍ତି। ସେମାନେ ଯେଭଳି ପିଡିଏସ ସାମଗ୍ରୀରୁ ବଞ୍ଚିତ ନ ହୁଅନ୍ତି, ସେଥିଲାଗି ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ୯୮% ରୁ ଅଧିକ ହିତାଧିକାରୀଙ୍କ ଆଧାର ଲିଙ୍କ୍ ହୋଇ ସାରିଛି । ଯେଉଁମାନଙ୍କର ହୋଇପାରିନାହିଁ ସେମାନେ ଯେତେବେଳେ ଚାହିଁବେ କରିପାରିବେ । ହିତାଧିକାରୀ ନିଜେ ଉପସ୍ଥିତ ରହିଲେ ଚାଉଳ ପାଇବେ ବୋଲି ମନ୍ତ୍ରୀ କହିଥିଲେ। ଚିହ୍ନଟ ହୋଇଥିବା ନକଲି ହିତାଧିକାରୀଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ପଚରାଯିବାରୁ ମନ୍ତ୍ରୀ ଏ ନେଇ ସେଭଳି କିଛି ସୂଚନା ଦେଇ ନ ଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ସମବାୟ ବ୍ୟାଙ୍କ ସଭାପତି କାନନ ବିହାରୀ ପୋହି, ନିର୍ଦ୍ଦେଶକ ଦେବପ୍ରିୟ ପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ମା'ଙ୍କ ମୃତ୍ୟୁପରେ ଦୁଇ ସନ୍ତାନ ଅନାଥ

**କେନ୍ଦୁଝର, ୨୯।୯(ଡି.ଏନ୍.ଏ.)**

ଜଣ୍ଡିସ ଓ ଯକ୍ଷ୍ମା ରୋଗରେ ପୀଡିତ ପ୍ରମିଳା ମୁଣ୍ଡା ନାମ୍ନୀ ଜଣେ ମହିଳା ଅର୍ଥାଭାବ କାରଣରୁ ଠିକ୍ ସମୟରେ ଚିକିତ୍ସିତ ହୋଇ ନ ପାର ଶେଷରେ ମୃତ୍ୟୁମୁଖରେ ପଡିଛନ୍ତି। ପୂର୍ବରୁ ତାଙ୍କ ସ୍ୱାମୀ ମୃତ୍ୟୁବରଣ କରିଥିଲେ। ଏବେ ତାଙ୍କର ୧୦ ଓ ୧୨ ବର୍ଷର ଦୁଇ ସନ୍ତାନ ଅନାଥ ହୋଇ ଯାଇଛନ୍ତି।

ପ୍ରମିଳାଙ୍କ ଘର କେନ୍ଦୁଝର ସଦର ବ୍ଲକ ମହାଦେଇଯୋଡା ପଞ୍ଚାୟତର ରଥମରାରେ । ତାଙ୍କ ସ୍ୱାମୀ କାଣ୍ଡେ ମୁଣ୍ଡା ପୂର୍ବରୁ ମୃତ୍ୟୁବରଣ କରିଥିବାରୁ ସେ ତାଙ୍କ ଦୁଇ ଶିଶୁଙ୍କୁ ଦୁଃଖକଷ୍ଟରେ ଲାଳନପାଳନ କରୁଥିଲେ। ହେଲେ ରୋଗ ସାଜିଲା କଇରୀ। ପ୍ରମିଳା କିଛିଦିନ ତଳେ ଜଣ୍ଡିସ ଓ ଯକ୍ଷ୍ମା ରୋଗରେ ପୀଡିତ ହେବା ଜାଣିବା ପରେ ତାଙ୍କ ପାଦ ତଳୁ ଯେପରି ମାଟି ଖସି ଯାଇଥିଲା। ଅର୍ଥାଭାବରୁ ତାଙ୍କର ଚିକିତ୍ସା ହୋଇପାରି ନ ଥିଲା। ବାପଘର ଲୋକେ ପ୍ରମିଳାଙ୍କୁ ନେଇ ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ କଟକ ବଡ ଡାକ୍ତରଖାନାକୁ ନେବା ଲାଗି ପରାମର୍ଶ ଦେଇଥିଲେ। ହେଲେ କଟକ ଯିବା ପାଇଁ ତାଙ୍କ ପାଖରେ ଅର୍ଥ ନ ଥିଲା। ଶେଷରେ ହେଲପିଂ ହ୍ୟାଣ୍ଡ ନାମକ ସ୍ୱେଚ୍ଛାସେବୀ ସଂଗଠନ ପ୍ରମିଳାଙ୍କୁ ନେଇ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ରାତିରେ ପ୍ରମିଳାଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ହେଲପିଂ ହ୍ୟାଣ୍ଡ ସଂସ୍ଥା ତାଙ୍କର ମୃତଦେହକୁ ରଥମରାକୁ ଆଣିବା ପରେ ପାଖ ପଡୋଶୀଙ୍କ ସହାୟତାରେ ସତ୍କାର କରାଯାଛି। ତାଙ୍କ ଝିଅ ସୁକାନ୍ତି ମୁଣ୍ଡା(୧୨) ଓ ପୁଅ ସୁରେଶ ମୁଣ୍ଡା(୧୦) ଏବେ ବାପ ମାଆ ଛେଉଣ୍ଡ ହୋଇ ବେସାହାରା ହୋଇଯାଇଛନ୍ତି। ଏସମ୍ପର୍କରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅଶୋକ ଦାଶଙ୍କୁ ପଚାରିବାରୁ ପ୍ରମିଳାଙ୍କ ମୃତ୍ୟୁ ଖବର ସେ ପାଇଥିବା କହିଛନ୍ତି। ତେବେ ଚିକିତ୍ସାକାର୍ଯ୍ୟରେ ବିଳମ୍ବ ହେବା ସମ୍ପର୍କରେ ସେ ଅଧିକ କିଛି କହିପାରିବେ ନାହିଁ ବୋଲି କହିଛନ୍ତି।

# ଗରିବଙ୍କ ଲାଗି ଅପହଞ୍ଚ ଯୋଜନା

**ତେଲକୋଇ, ୨୯।୯(ଡି.ଏନ.ଏ.)**

ଗରିବ ଲୋକଙ୍କ ଲାଗି ସରକାର କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ଅନେକ ଅସହାୟ ବ୍ୟକ୍ତିଙ୍କ ପାଖରେ ଏହି ସୁବିଧା ପହଞ୍ଚି ପାରୁ ନାହିଁ । କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଅଧୀନ କରମଙ୍ଗୀ ପଞ୍ଚାୟତର ସଙ୍କଲେଇ ଗ୍ରାମରେ ଏଭଳି ଏକ ଅସହାୟ ପରିବାର ଏବେ ପଲିଥିନ ତଳେ ଜୀବନ ବିତାଉଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆବାସ ଯୋଜନାରେ ସେମାନଙ୍କୁ ଘର ଖଣ୍ଡେ ମିଳି ପାରି ନାହିଁ।

ପରିବାରର ମୁଖ୍ୟ ରଞ୍ଜନ ମହାକୁଡ କାମଧନ୍ଦା ଅଭାବରୁ ପାରାଦୀପ ବନ୍ଦର ଅଞ୍ଚଳକୁ ଯାଇ ଏବେ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି । ତାଙ୍କ ସ୍ତ୍ରୀ କୁନି ମହାକୁଡ ୨ ଶିଶୁପୁତ୍ରଙ୍କୁ ନେଇ ଏକ କୁଡିଆରେ ମୁଣ୍ଡ ଗୁଞ୍ଜି ରହୁଛନ୍ତି। ଘରର ଛପର ମରାମତି ହୋଇ ପାରି ନ ଥିବାରୁ ବର୍ଷାଦିନ ସେମାନଙ୍କ ଲାଗି ଦୁଃଖ ଆଣି ଦେଇଛି। ଘର ଛପର ଉପରେ ସେମାନେ ପଲିଥିନ ପକାଇ ଦିନ ବିତାଉଛନ୍ତି । କୁନିଙ୍କ କହିବାନୁଯାୟୀ 'ଆମଙ୍କୁ ବିପିଏଲ ପରିବାର ଭାବେ ଚିହ୍ନଟ କରାଯାଇଛି। କିନ୍ତୁ ସରକାରୀ ଯୋଜନାରେ ଘର ମିଳି ନାହିଁ । ସରକାରଙ୍କଠାରୁ ପାଉଥିବା ଟଙ୍କାକିଆ ଚାଉଳରେ ଆମେ ବଞ୍ଚି ରହିଛୁ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ଟଙ୍କା ମଗା ଯାଉଥିବାରୁ ଆମେ ଅର୍ଥ ଦେଇ ନ ପାରିବାରୁ ଘର ପାଇ ନାହୁଁ' ଏଭଳି ଅଭିଯୋଗ ସମ୍ପର୍କରେ ସ୍ଥାନୀୟ ବିଡିଓ ଦିଲୀପ କୁମାର ବାରାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଲେ, ପଲ୍ଲିସଭାର ନାମ ରହିଲେ ଅନ୍ ଲାଇନ ବ୍ୟବସ୍ଥାରେ କ୍ରମାନ୍ୱୟରେ ଲୋକଙ୍କୁ ଘର ମିଳିଥାଏ । ସେ ଏ ନେଇ ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ନେବେ ।

### ଜବତ ଓଭରଲୋଡିଂ ବାଲିଗାଡ଼ିକୁ ଛଡ଼ାଗଲା

**ବନ୍ତ, ୨୯।୯ (ଡି.ଏନ.ଏ.):** ବନ୍ତ ତହସିଲ ପକ୍ଷରୁ ଏକ ଓଭରଲୋଡିଂ ବାଲି ବୋଝେଇ ଟ୍ରକ ଶନିବାର ଜବତ କରାଯାଇଥିଲା। ରବିବାର ପିଆର୍ ବଣ୍ଡ ଭିତ୍ତିରେ ମାଲିକଙ୍କ ଜିମାରେ ଗାଡ଼ିକୁ ଛାଡ଼ି ଦିଆଯାଇଛି। ତେବେ ଏ ନେଇ ବନ୍ତ ଥାନାରେ ମାମଲା(ଏମ୍‌ଭି ପିଆର୍ ନଂ.୧/୧୯) ରୁଜୁ ହୋଇଛି। ସୂଚନା ଅନୁସାରେ, ଶନିବାର ରାତି ପ୍ରାୟ ୯ଟା ବେଳେ ଏକ ବାଲି ବୋଝେଇ ଟ୍ରକ ଆନନ୍ଦପୁର ଆଡୁ ଭଦ୍ରକ ଯାଉଥିଲା। ଭଦ୍ରକ-ଆନନ୍ଦପୁର ୫୩ ନମ୍ବର ରାଜ୍ୟ ରାଜପଥର ସିନେମା ହଲ ଛକଠାରେ ରାସ୍ତାରେ ଶୋଇଥିବା ଏକ ଷଣ୍ଢକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଷଣ୍ଢର ମୃତ୍ୟୁ ଘଟିଥିଲା। ଖବର ପାଇ ପୋଲିସ ଟ୍ରକକୁ ଜବତ କରି ଥାନାକୁ ନେଇଥିଲା।

# ଭାରିଯାନକୁ ଅଟକାଇଲା ପୋଲିସ



ପୋଲିସ ଜବତ କରିଥିବା ଦୁଇ ଭାରିଯାନ।

**ଆନନ୍ଦପୁର, ୨୯।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ପଥରପଦା ନିକଟସ୍ଥ ଅଭିରାମପୁରଠାରେ ପୋଲିସ ୨ଟି ଭାରିଯାନକୁ ଅଟକାଇ ତଦନ୍ତ କରୁଛି। ଏହି ଦୁଇ ଭାରିଯାନ ରୋଟର ଥିବା ବଡ କଣ୍ଟେନର ଧରି ଆନନ୍ଦପୁର ବ୍ଲକର ସିଂହନାଳଠାରେ ଥିବା ବୈତରଣୀ ପାୱାର ପ୍ରକଳ୍ପକୁ ଯାଉଥିଲା। ୨୦ ନଂ ଜାତୀୟ ରାଜପଥର ବେଲବାହାଳି ପୁରୁଣା ସେତୁରେ ଭାରିଯାନ ଯିବା ବିପଦପୂର୍ଣ୍ଣ ହୋଇଥିବାରୁ ହସନପୁର ଟୋଲଗେଟ୍ ପକ୍ଷରୁ ଏହାକୁ ଛଡା ଯାଇ ନ ଥିଲା। ସଂପୃକ୍ତ ଭାରିଯାନ ଜରଦାଠାରୁ ଥିବା ଦେଓଗାଁ ରାସ୍ତାରେ ଯାଉଥିବାବେଳେ ଅଭିରାମପୁରଠାରେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରି ପୋଲିସକୁ ସୂଚନା ଦେଇଥିଲେ। ରାମଚନ୍ଦ୍ରପୁର ପୋଲିସ ସେଠାରେ ପହଞ୍ଚି ଉଭୟ ଯାନକୁ ଅଟକ ରଖିଥିଲା। ସଂପୃକ୍ତ ରାସ୍ତାରେ ଯିବା ପାଇଁ ଆବଶ୍ୟକ କାଗଜପତ୍ର ଆଣିବା ପରେ ଗାଡି ଦୁଇଟିକୁ ଛଡା ଯିବ ବୋଲି ଥାନା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସ୍ୱାଇଁ ସୂଚନା ଦେଇଛନ୍ତି।

# ମା' ଖୁଦୁରୁକୁଣୀ ବାଜୁଣିଟାଙ୍ଗର ଚାମ୍ପିୟନ

**କେନ୍ଦୁଝର, ୨୯।୯ (ସ୍ୱ. ପ୍ର.)**



ଚାମ୍ପିୟନ ଓ ରନର୍ସଅପ୍ ଦଳର ପ୍ରତିଯୋଗୀଙ୍କ ଗହଣରେ ଅତିଥି।

ସଦର ବ୍ଲକ ଅନ୍ତର୍ଗତ ସେଣ୍ଡକାପ ମିନି ଷ୍ଟାଡିୟମଠାରେ ନେତାଜୀ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ୨୪ତମ ବାର୍ଷିକୀ ମଡେଲିଙ୍ଗ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ୩ଦିନ ଧରି ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ମୋଟ ୩୨ ଦଳ ଅଂଶଗ୍ରହଣ କରିଥିଲେ। ମା' ଖୁଦୁରୁକୁଣୀ ବାଜୁଣିଟାଙ୍ଗର ଏବଂ ଆକାଶ ଏକାଦଶ ପାଟକୂଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳ ୧-୧ ଗୋଲ ଦେଇ ସମାନସ୍ତରରେ ରହିବାପରେ ଟ୍ରାଇବ୍ରେକର ଜରିଆରେ ବାଜୁଣିଟାଙ୍ଗର ୫-୩ ଗୋଲରେ ପାଟକୂଳକୁ ହରାଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ପୁରସ୍କାର ବିତରଣୀ ଉତ୍ସବରେ କେନ୍ଦୁଝର ସଦର ବିଧାୟକ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଏବଂ ସଦର ବ୍ଲକ ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାଗବତ ନାଏକ ମୁଖ୍ୟବକ୍ତା, ହଳଦିଆଗୁଣା ଏମ.ଏସ.ପି. କାରଖାନା ସଭାପତି ଦେବବ୍ରତ ସ୍ୱାଇଁ, ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, ୪ ନମ୍ବର ଜୋନ ଜିଲା ପରିଷଦ ସଦସ୍ୟ ରଥ ମୁଣ୍ଡା, ବିଶିଷ୍ଟ ପାଲା ଗାୟକ ଯୁଗଳ କିଶୋର ବେହେରା, ଗୋବର୍ଦ୍ଧନ ସରପଞ୍ଚ ସତ୍ୟଭାମା ମୁଣ୍ଡା, ସମିତି ସଭ୍ୟ ଅଭିମନ୍ୟୁ ନାଏକ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଚାମ୍ପିୟାନ ଖୁଦୁରୁକୁଣୀ ବାଜୁଣିଟାଙ୍ଗର ଦଳକୁ ୧୫ହଜାର ଟଙ୍କା ଏବଂ ଟ୍ରଫି, ରନର୍ସଅପ ଆକାଶ ଏକାଦଶ ପାଟକୂଳ ଦଳକୁ ୧୦ହଜାର ଟଙ୍କା ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ତୃତୀୟ ସ୍ଥାନରେ ରହିଥିବା ସିଲିସୁଆଁ ଦଳକୁ ୭ହଜାର ଟଙ୍କା, ଚତୁର୍ଥ ସ୍ଥାନ ହାସଲ କରିଥିବା ରାଇସୁଆଁ ଦଳକୁ ୬ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ରେଫରୀ ଭାବେ ଦାମୋଦର କାରୁଆ ଏବଂ ସାଥୀ ଖେଳ ପରିଚାଳନା କରିଥିଲେ।

# ପାରାଦୀପରେ ମତ୍ସ୍ୟଜୀବୀଙ୍କୁ ନିଆଁ ଚେଙ୍କ

**ବାସୁଦେବପୁର, ୨୯।୯ (ଡି.ଏନ.ଏ.)**

ବାସୁଦେବପୁର ଥାନା ଅଧୀନ ଖରିଦା ବିନାୟକପୁର ଗ୍ରାମର ଅଗଣୀ ମଳିକ ନାମକ ଜଣେ ମତ୍ସ୍ୟଜୀବୀଙ୍କୁ ପାରାଦୀପରେ ଜଣେ ଲଞ୍ଚ ଡ୍ରାଇଭର ନିଆଁ ଚେଙ୍କ ଦେଇଥିବା ଅଭିଯୋଗ ହୋଇଛି।

ଏଥିରେ ଅଗଣୀ ଗୁରୁତର ହୋଇଛନ୍ତି। ଉକ୍ତ ଲଞ୍ଚ ଡ୍ରାଇଭରଙ୍କ ଘର ବାସୁଦେବପୁର ବ୍ଲକ ଗୁଆଗଡ଼ିଆ ଗ୍ରାମରେ। ଅଗଣୀ ଶନିବାର ଘରେ ପହଞ୍ଚିବା ପରେ ଏହି ଘଟଣା ପଦାକୁ ଆସିଛି। ଲଞ୍ଚ ଡ୍ରାଇଭରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହିତ ଘଟଣାର ତଦନ୍ତ ଦାବି କରିଛନ୍ତି ଆହତ ଅଗଣୀ ଓ ତାଙ୍କ ପରିବାର। ଅଗଣୀଙ୍କ ଦେହର ବିଭିନ୍ନ ଅଂଶରେ ନିଆଁ ଚେଙ୍କର ସଦ୍ୟଦାଗରୁ ଘା ସୃଷ୍ଟି ହୋଇଛି। ଏପରିକି ତାଙ୍କ ମଳଦ୍ୱାରରେ ରଡ୍ ପୂରାଯାଇଥିବା ଓ ଯୌନାଙ୍ଗରେ ମଧ୍ୟ ଚେଙ୍କ ଦିଆଯାଇଥିବା ସେ ପ୍ରକାଶ କରିଛନ୍ତି। ବାସୁଦେବପୁର ଡାକ୍ତରଖାନାରେ ତାଙ୍କର ଚିକିତ୍ସା କରାଯାଇଛି।

ଅଗଣୀଙ୍କ କହିବା ଅନୁଯାୟୀ, ୩ ମାସ ତଳେ ସେ ଗୁଆଗଡିଆର ଜଣେ ଯୁବକଙ୍କ ସହିତ ମତ୍ସ୍ୟଜୀବୀ ଭାବେ କାମ କରିବାକୁ ପାରାଦୀପକୁ ଯାଇଥିଲେ। ଅନ୍ୟ ୬ ସହଯୋଗୀଙ୍କ ସହିତ ସେ ସମୁଦ୍ରକୁ ମାଛ ଧରିବାକୁ ନିୟମିତ ଯାଉଥିଲେ। କାମ ବାବଦକୁ ଟଙ୍କା ମାଗିବାରୁ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଇଥିଲା। ସେହି ଯୁବକ ତଥା ଲଞ୍ଚ ଡ୍ରାଇଭର ଗ୍ୟାସ୍‌ରେ ସ୍କୃ ଡ୍ରାଇଭରକୁ ତତାଇ ତାଙ୍କୁ ଚେଙ୍କ ଦେଇଥିଲେ। ଏ ସମ୍ପର୍କରେ ବୋଟ୍ ମାଲିକ ଜାଣିବା ପରେ ତାଙ୍କୁ ଓ ସେହି ଯୁବକଙ୍କୁ ଘରକୁ ପଠାଇ ଦେଇଥିଲେ। ସମ୍ପୃକ୍ତ ଯୁବକଙ୍କୁ ଅଗଣୀଙ୍କ ପରିବାର ଲୋକ ନିର୍ଯାତନା ସମ୍ପର୍କରେ ପଚାରିବାରୁ ସେ ଓ ତାଙ୍କ ସହଯୋଗୀମାନେ ଗାଳିଗୁଲଜ କରିଛନ୍ତି। ଏ ସମ୍ପର୍କରେ ଆହତ ଅଗଣୀଙ୍କ ପରିବାର ପକ୍ଷରୁ ବାସୁଦେବପୁର ଥାନାରେ ଜଣାଯାଇଥିଲେ ମଧ୍ୟ ପାରାଦୀପରେ ଘଟଣା ଘଟିଥିବାରୁ ପୋଲିସ ଦୂରେଇ ରହୁଥିବା କୁହାଯାଉଛି।

# ଦୁର୍ଗମ ଗାଁର ଦୁଃଖ

**ରାଇସୁଆଁ, ୨୯।୯(ଡି.ଏନ.ଏ.)**

କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଓ ମହାଦେଇଯୋଡା ପଞ୍ଚାୟତର କେତେକ ଗାଁ ଆଜି ବି ଦୁର୍ଗମ ଇଲାକା ହୋଇ ରହିଛି। ଗୋପୀନାଥପୁର ପଞ୍ଚାୟତର ହର୍ଷପୁର ଗ୍ରାମ ରାସ୍ତା ମରାମତି ବିନା ଶୋଚନୀୟ ହୋଇପଡିଛି। ମହାଦେଇଯୋଡା ପଞ୍ଚାୟତର କୁଡିଆଘେରା, ରଙ୍ଗମରା, ସାଗର ସାହି, ବାଲିପଶି ସାହି,ମାରାସ ାହି,ଢିପାସାହି,ବୁରୁଡିସାହିକୁ ରାସ୍ତା ନ ଥିବାରୁ ଏଯାଏ ବିକାଶର ଛାଇ ପଡି ନାହିଁ । ପ୍ରଶାସନ ତରଫରୁ ସବୁ ଗାଁକୁ ପକାରାସ୍ତା ନିର୍ମାଣ ଲାଗି ଯୋଜନା କରାଯାଉଥିବା ବେଳେ ଏହି ଅଞ୍ଚଳକୁ ବାଦ ଦିଆଯାଉଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବର୍ଷାଦିନେ ଏହି ଅଞ୍ଚଳର ଗ୍ରାମ ରାସ୍ତାରେ ବର୍ଷାପାଣି ଜମି ରହୁଥିବାରୁ ଲୋକେ ଯାତାୟତ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଗାଁ ପାଖ ନାଳ ଓ ଖାଲୁଆ ଅଞ୍ଚଳରେ ଛାତ୍ରୀଛାତ୍ରମାନେ ପାଣିରେ ପଶି ବହୁ କଷ୍ଟରେ ବିଦ୍ୟାଳୟକୁ ଯାଉଥିବା ଅଭିଭାବକଙ୍କ ସମେତ ଗ୍ରାମବାସୀ କହିଛନ୍ତି। ଜିଲା ପ୍ରଶାସନ ଏହି ଦୁର୍ଗମ ଅଞ୍ଚଳର ସମସ୍ୟା ପ୍ରତି ଦୃଷ୍ଟି ଦେଇ ପକ୍କା ରାସ୍ତା ନିର୍ମାଣ କରିବାକୁ ସେମାନେ ଦାବି କରିଛନ୍ତି।



ରାସ୍ତାରେ ବର୍ଷାପାଣି ଜମି ରହିଥିବାରୁ ଛାତ୍ରୀଛାତ୍ର ହଇରାଣ ହୋଇ ବିଦ୍ୟାଳୟକୁ ଯାଉଛନ୍ତି।

# ବାଣ୍ଟି ଚାଲିଛନ୍ତି ସମାଜସେବାର ବାର୍ତ୍ତା

**ନରେଶ ଚନ୍ଦ୍ର ପଟ୍ଟନାୟକ**
**କେନ୍ଦୁଝର, ୨୯।୯**

## ନିଆରା ବ୍ୟକ୍ତିତ୍ୱ ଉଜ୍ଜ୍ୱଳ କୁମାର



ସେବା କାର୍ଯ୍ୟରୁ ଯେଉଁ ଆନନ୍ଦ ମିଳେ, ତାହା ଅବର୍ଣ୍ଣନୀୟ । ଯୁବପିଢ଼ି ସେବା କାର୍ଯ୍ୟ ଲାଗି ଆଗଭର ହେଲେ ସମାଜରେ ପରିବର୍ତ୍ତନ ଆସିବ ବୋଲି କହନ୍ତି ଡ.ଉଜ୍ଜ୍ୱଳ କୁମାର ସାହୁ। ଦୁଃଖୀ, ଦରିଦ୍ର, ନିଃସହାୟଙ୍କ ସେବାରେ ଶେଷ ଜୀବନ ବିତାଇବାକୁ ଲକ୍ଷ୍ୟ ରଖି ସେ ପ୍ରତିମାସ ପାଉଥିବା ପେନ୍‌ସନ ବାବଦ ୧୩ ହଜାର ଟଙ୍କାକୁ ଖର୍ଚ୍ଚ କରି ଚାଲିଛନ୍ତି। ଚାକିରି ଜୀବନ ବିତାଇ ଅବସର ନେବା ପରଠାରୁ ବିଭିନ୍ନ ଅନୁଷ୍ଠାନର ବିକାଶ ସହ ନିୟମିତ ଭାବେ ସେବାକାର୍ଯ୍ୟ କରି ନିଜର ଏକ ପରିଚୟ ସୃଷ୍ଟି କରିପାରିଛନ୍ତି।

ଉଜ୍ଜ୍ୱଳଙ୍କ ଘର କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ଗ୍ରାମରେ । ବୟସ ୭୯ ହେବ। ୧୯୬୨ ମସିହାରେ ସେ ଜିଲାପାଳଙ୍କ କାର୍ଯ୍ୟାଳୟରେ ମାତ୍ର ୮୦ ଟଙ୍କା ଦରମାରେ ଚାକିରି ଜୀବନ ଆରମ୍ଭ କରିଥିଲେ। ୧୯୬୭ରେ ଶିକ୍ଷକତା ବୃତ୍ତିକୁ ଆଦରି ୨୦୦୦ ମସିହାରେ ଅବସର ଗ୍ରହଣ କରିଥିଲେ। ସେବେଠାରୁ ସମାଜସେବା କାର୍ଯ୍ୟକୁ ଜୀବନର ବ୍ରତ ଭାବେ ଗ୍ରହଣ କରି ସେ କାର୍ଯ୍ୟ କରି ଚାଲିଛନ୍ତି। ୧୯୭୨ରେ ସେ ଭୁବନେଶ୍ୱରସ୍ଥିତ ଓଡ଼ିଶା ରାଜ୍ୟ ହୋମିଓପାଥି ବୋର୍ଡରୁ ହୋମିଓପାଥି ବିଦ୍ୟା ହାସଲ କରିଥିଲେ। ସେବେଠାରୁ ଗରିବ ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି। ନିଜ ସକାଶେ ଘର କି ଗାଡି କରିପାରି ନାହାନ୍ତି। ଅତି ନିରାଡମ୍ବର ଭାବେ ଜୀବନ ଅତିବାହିତ କରି ସମାଜସେବାର ™ବାର୍ତ୍ତା ବାଣ୍ଟି ଚାଲିଛନ୍ତି। ପାଖରେ ରହୁଥିବା ତାଙ୍କ ସହଧର୍ମିଣୀ ଏଥିଲାଗି ପ୍ରେରଣା ଯୋଗାଉଛନ୍ତି। ଦୁଇ ଝିଅପୁଅଙ୍କ ମଧ୍ୟରୁ ଝିଅ ବାହା ହୋଇ ଯାଇଥିବା ବେଳେ ପୁଅ ମେକାନିକ୍ ଭାବେ କାମ କରୁଛନ୍ତି।

ଉଜ୍ଜ୍ୱଳ କହନ୍ତି, ତାଙ୍କ ହାତରେ ବିଶେଷ ସମ୍ବଳ ନ ଥବାରୁ ସେ ପାଉଥିବା ପେନସନ ଅର୍ଥରେ ଦାନଧର୍ମ କରିଆସୁଛନ୍ତି। ତୁମୁରିଗୋଡା, ଝାରବେଡା, ନିହୁଆ, ହାତିବାରୀ, କଇଁଣ୍ଡା, ତ୍ରିବିନ୍ଧା, ତୁରୁମୁଙ୍ଗା ଗାଁ ପାଲଟିଛି ତାଙ୍କ କର୍ମସ୍ଥଳୀ । ନିୟମିତ ଭାବେ ସେ ଏସବୁ ଗାଁକୁ ଯାଇ ଲୋକଙ୍କୁ ଚିକିତ୍ସା କରିଥାନ୍ତି। ଅଭାବରେ ଥିବା ଲୋକଙ୍କୁ ଅନ୍ନ, ବସ୍ତ୍ର, ଔଷଧ ଯୋଗାଇ ଦେଇଥାନ୍ତି। ସ୍ଥାନୀୟ ଦଧିବାମନ ମହାବିଦ୍ୟାଳୟ, ସରସ୍ୱତୀ ଶିଶୁ ମନ୍ଦିରକୁ ସେ ୧ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବା ସହିତ ସ୍ଥାନୀୟ ଶିବ ମନ୍ଦିର ସମେତ ଅନ୍ୟ ମନ୍ଦିରର ବିକାଶ ଲାଗି ଉଦ୍ୟମ କରି ଆସିଛନ୍ତି। ଏଭଳି କାର୍ଯ୍ୟ ଲାଗି ସେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି । ବରିଷ୍ଠ ସାହିତ୍ୟିକ ତଥା ପରିବେଶବିତ ଡ. ବିମ୍ବାଧର ବେହେରା ଉଜ୍ଜ୍ୱଳ କୁମାର ତାଙ୍କ ଚିନ୍ତାଧାରା ଓ ସେବା କାର୍ଯ୍ୟ ଲାଗି ସମସ୍ତଙ୍କ ଆଦର ଭାଜନ ହୋଇପାରିଛନ୍ତି ବୋଲି କହିଛନ୍ତି। ବର୍ତ୍ତମାନର ବିଧାୟକ ଜଗନ୍ନାଥ ନାୟକ ଉଜ୍ୱଳଙ୍କ ଭଳି ଜଣେ ନିଆରା ବ୍ୟକ୍ତିତ୍ୱ ସମ୍ପର୍କରେ ଜାଣିବା ପରେ ତାଙ୍କର ଅନେକ ପ୍ରଶଂସା କରିଛନ୍ତି।